ବର୍ଷ-୨୬, ସଂଖ୍ୟା-୨୪୨
ଭୁବନେଶ୍ୱର
ସେପ୍ଟେମ୍ବର, ୦୭, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 242
Bhubaneswar
September, 07 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବିଜେପି କାର୍ଯ୍ୟକାରିଣୀରେ ରାଜନୈତିକ ଚିଠା ପାରିତ

କଟକ / ଭୁବନେଶ୍ୱର,୬।୯(ମହାଭାରତ): ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ କଟକଠାରେ ଅନୁଷ୍ଠିତ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିବସରେ ଆଜି ଯୋଗ ଦେଇ କାର୍ଯ୍ୟକାରିଣୀକୁ ସମ୍ବୋଧିତ କରିବା ଅବସରରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ବି.ଏଲ.ସନ୍ତୋଷ କହିଛନ୍ତି ଯେ, ବିଜେପିର ମୂଳମନ୍ତ୍ର ହେଉଛି ସେବା ଭାବ । ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ସାଧାରଣ ଲୋକଙ୍କ ପାଇଁ ମନ ପ୍ରାଣ ଦେଇ କାର୍ଯ୍ୟ କରିବା । ସମାଜର ଶେଷ ସୋପନରେ ଥିବା ବ୍ୟକ୍ତିପାଖରେ ପହଂଚି ତାଙ୍କୁ ସେବା, ସୁବିଧା ଓ ମୌଳିକ ଅଧିକାର ପ୍ରଦାନ କରିବା ହେଉଛି ମୂଳ ଲକ୍ଷ୍ୟ । ଯେଉଁ ରାଜ୍ୟମାନଙ୍କରେ ବିଜେପି ଥରେ ଶାସନ ଦାୟୀତ୍ୱରେ ଆସିଛି, ଏହି ସେବା ମନୋଭାବ କାରଣରୁ ସେହି ରାଜ୍ୟବାସୀମାନେ ବାରମ୍ବାର ବିଜେପିକୁ ଶାସନ ଦାୟୀତ୍ୱ ପ୍ରଦାନ କରିଛନ୍ତି । ଓଡିଶାରେ ବିଜେପି ସରକାର ଗଠନ ହେବା ପରେ ସେବା ମନୋଭାବକୁ ଅଗ୍ରାଧିକାର ଦେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ନିୟମିତ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବଂ ତାଙ୍କ ସୁଖ ଦୁଃଖର ସାଥୀ ହୋଇ ଛିଡା ହେଉଛନ୍ତି । ଆଗାମୀ ପଂଚାୟତ, ନଗରପାଳିକା ଓ ସମବାୟ ନିର୍ବାଚନରେ ଲୋକଙ୍କ ସହ ଛିଡା ହେବା ସହିତ କଠିନ ପରିଶ୍ରମ କରି ଲୋକଙ୍କ ଆସ୍ଥାଭାଜନ ହେବା ବୋଲି ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ବି.ଏଲ.ସନ୍ତୋଷ କହିଛନ୍ତି ।

ସେହିପରି ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ଏହାର କାର୍ଯ୍ୟକାରିତା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

ଆଗାମୀ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅହରହ ପରିଶ୍ରମ ଏବଂ ଦେଶବାସିଙ୍କ ସଂକଳ୍ପକୁ ଆଦୌ ବୁଝି ପାରିନଥିବା ବିରୋଧୀ ଦଳମାନଙ୍କ ଆଚରଣ ଓ ଉଚ୍ଚାରଣ ଅତ୍ୟନ୍ତ ନିନ୍ଦନୀୟ । ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ





କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନ ଅବସରରେ ଆଜି ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା । ପ୍ରତିକୂଳ ପରିସ୍ଥିତିରେ ଭାରତବର୍ଷର ଆର୍ଥିକ ଅଭିବୃଦ୍ଧି ୭.୮ ପ୍ରତିଶତ ହାରରେ ବୃଦ୍ଧି ପାଉଥିବାବେଳେ ବିରୋଧୀ ଦଳଗୁଡିକ ଅପପ୍ରଚାର କରି ଭାରତବର୍ଷକୁ ବଦନାମ କରିବାର ଚକ୍ରାନ୍ତ କରୁଛନ୍ତି । ବିରୋଧିଦଳମାନେ ଦେଶ ବିଭାଜନକାରୀ ଶକ୍ତିମାନଙ୍କ ସହ ହାତ ମିଳାଇ, ବିଭିନ୍ନ ଦେଶ ବିରୋଧି ଗତିବିଧିରେ ସାମିଲ ହେଉଛନ୍ତି । ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌କୁ ସାରା ଦେଶବାସୀ ଗର୍ବର ସହ ଗାଉଥିବାବେଳେ କଂଗ୍ରେସ ଦଳ ଅବମାନନା କରିଛି । ଗତ ଅଗଷ୍ଟ ୧୫ ତାରିଖ ଦିନ ଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ସଂପୂର୍ଣ୍ଣ ବନ୍ଦେ ମାତରମ୍ ଗାନ ବେଳେ ଯେଉଁ ଭଳି ଭାବରେ ଘୃଣା ଭାବ ପ୍ରକାଶ କଲେ, ତାହା ଅତ୍ୟନ୍ତ କ୍ଷୋଭର ବିଷୟ ଏବଂ ନିନ୍ଦନୀୟ । ଯାହା କଂଗ୍ରେସର ଦେଶବିରୋଧୀ ମାନସିକତାର ଏକ ନିଛକ ଦୃଷ୍ଟାନ୍ତ । ସଂସଦରେ ମହିଳା ଆରକ୍ଷଣ ବିଲ୍‌କୁ ବିରୋଧ କରି କଂଗ୍ରେସ ଓ ବିରୋଧୀଦଳମାନେ ତାଙ୍କ ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବେ ପ୍ରକାଶିତ କରିଛନ୍ତି । ସେହିଭଳି ଅର୍ବାନ ଏବଂ ଦିମାଗୀ ନକ୍ସଲମାନଙ୍କୁ ସମର୍ଥନ, ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଏଫସିଆରଏ ଆଇନକୁ ବିରୋଧ କରି ବିରୋଧୀ ଦଳମାନେ ନିଜର ଭାରତ ବିରୋଧି ମାନସିକତାର ପରିଚୟ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ସହ ଅନ୍ୟ ରାଷ୍ଟ୍ରମୁଖ୍ୟଙ୍କୁ ଯୋଡି ଆଶାଳୀନ ମନ୍ତବ୍ୟ ଦେଇଛନ୍ତି, ଯାହାକି ଆମ ଭାରତୀୟ ସଂସ୍କୃତି ଓ ପରଂପରାର ବିରୋଧୀ । ଅନ୍ୟ ପଟେ ରାଜ୍ୟରେ ବିଜେଡି ସରକାର ସମୟରେ ଘଟିଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡକୁ ନେଇ ଗଠିତ ହୋଇଥିବା ତଦନ୍ତ କମିଶନ ଫାଇଲ୍‌କୁ ନବୀନ ବାବୁଙ୍କ ସରକାର ଜାଣିଶୁଣି ଚୋରି କରିଛନ୍ତି । ହତ୍ୟାଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ କମିଶନ ରିପୋର୍ଟକୁ ଗାଏବ କରିବା ଘଟଣା ଅତ୍ୟନ୍ତ ଚିନ୍ତାର ବିଷୟ । ବିଜେଡିର ବି-ଟିମ୍ ଭୂମିକାରେ ଅବତୀର୍ଣ୍ଣ ହୋଇ ଓଡ଼ିଶାରେ କଂଗ୍ରେସ ଦଳ ବିଜେଡି ନିର୍ଦ୍ଦେଶ ଅନୁସାରେ ପରିଚାଳିତ ହେଉଛି । ରାଜ୍ୟରେ ଏମ୍‌ଏମ୍‌ଡିଆର୍ ସଂଶୋଧନକୁ ଉଭୟ କଂଗ୍ରେସ ଏବଂ ବିଜେଡି ବିରୋଧ କରି ଭ୍ରମାତ୍ମକ ତଥ୍ୟ ଦେଇ ମିଛର ପ୍ରହେଳିକା ସୃଷ୍ଟି କରୁଛନ୍ତି । ଓଡ଼ିଶାରେ ଚଳିତବର୍ଷ ବ୍ୟାପକ ବନ୍ୟାରେ ୯ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବାବେଳେ ବନ୍ୟାକୁ ନେଇ ବିଜେଡି ନେତୃତ୍ୱମାନଙ୍କର ତୁଚ୍ଛ ରାଜନୀତି ଏବଂ ହାଲ୍‌କା ମନ୍ତବ୍ୟ ବନ୍ୟା ପ୍ରଭାବିତ କ୍ଷତିଗ୍ରସ୍ତମାନଙ୍କ ମନରେ ଦୁଃଖ ଦେଇଛି । ଦେଶ ଓ ରାଜ୍ୟର ସାମ୍ପ୍ରତିକ ସ୍ଥିତିରେ ଉଭୟ କଂଗ୍ରେସ ଓ ବିଜେଡି ଦଳଗୁଡିକର ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯାହାକୁ ଆଜିର ଏହି କାର୍ଯ୍ୟକାରିଣୀରେ ଦୃଢ଼ଭାବେ ନିନ୍ଦା କରାଯାଇ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯିବା ସହିତ ପାରିତ କରାଯାଇଛି ସମୃଦ୍ଧ ଓଡିଶା ଗଠନ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ଏହି କାର୍ଯ୍ୟକାରିଣୀ ପ୍ରେରଣା ଯୋଗାଇଛି ବୋଲି ସାଂସଦ ଡ. ସମ୍ବିତ ପାତ୍ର ଗଣାମାଧ୍ୟମରେ ସୂଚନା ଦେଇଛନ୍ତି ।

ଏହି ଅବସରରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ଏବଂ ପ୍ରକୋଷ୍ଠ ସଂଯୋଜକ ସୁଦୀପ୍ତ ରାୟ ଉପସ୍ଥିତ ଥିଲେ । ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନୀଲ ବଂସଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ମନ୍ତ୍ରୀଗଣ, ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ୨୦୨୯ ସୁଦ୍ଧା ଭାରତ ନିଶାମୁକ୍ତ ହେବ : ଶାହ

ନୂଆଦିଲ୍ଲୀ,୬।୯: ୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢେଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି ।




ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢେଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି । ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା 'ନିଶାମୁକ୍ତ ଯୁବ ଶକ୍ତି' ଭାରତକୁ 'ବିକଶିତ ଭାରତ' ଆଡକୁ ନେଇଯିବ । ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ । ୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢେଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ । ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢେଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି । ଶାହ କହିଛନ୍ତି, ସରକାର ଏନ୍‌ସିଓଆର୍‌ଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ 'ମାନସ୍' ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି । ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି । ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି ।

# ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଆର୍ଥନୈତିକ ଅଞ୍ଚଳ କାର୍ଯ୍ୟାନ୍ୱୟନ ସମୀକ୍ଷା



ଭୁବନେଶ୍ୱର,୬।୯(ମହାଭାରତ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ( ବିକେପିପିଇଆର) ପ୍ରକଳ୍ପ ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତା କରିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ , ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସଂପୃକ୍ତ ସମସ୍ତ ବିଭାଗର ସଚିବ ଓ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ନିଜ ବକ୍ତବ୍ୟରେ, ବିକେପିପିଇଆର୍ ପ୍ରକଳ୍ପର ଗୁରୁତ୍ୱ ଦର୍ଶାଇ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ଏହା ଏକ ପ୍ରମୁଖ 'ଗ୍ରୋଥ୍ ଇଞ୍ଜିନ୍' ଭାବେ ଭିଜନ୍ ୨୦୩୬ ଓ ୨୦୪୭ର ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ ବୋଲି ପ୍ରକାଶ କରିଥିଲେ । ଏକ ସମନ୍ୱିତ ଆଞ୍ଚଳିକ ବିକାଶ ଦୃଷ୍ଟିକୋଣରେ ଅଞ୍ଚଳର ଭିତ୍ତିଭୂମି, ନିବେଶ, ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଦୃଢ଼ ଆଶା ବ୍ୟକ୍ତ କରି ସେ ଏହାର କାର୍ଯ୍ୟାନ୍ୱୟନରେ ସମସ୍ତ ବିଭାଗର ସମନ୍ୱିତ ଓ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିକେପିପିଇଆର ଅଧୀନରେ ଚିହ୍ନଟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ପି-ଏମ୍ ଗତି ଶକ୍ତି ପୋର୍ଟାଲରେ ପ୍ରକଳ୍ପ ମ୍ୟାପିଂ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ସୂଚନାଯୋଗ୍ୟ, ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର-ଏହି ୪ଟି ଜିଲ୍ଲା ଏବଂ ଏହା ଅନ୍ତର୍ଭୁକ୍ତ ୧୯ଟି ସହରାଂଚଳକୁ ନେଇ ଗଠିତ ଏହି ଅର୍ଥନୈତିକ ଅଞ୍ଚଳକୁ ଏକ ସମାବେଶୀ, ବାସଯୋଗ୍ୟ ଓ ସ୍ଥାୟୀ ଅର୍ଥନୈତିକ ଅଞ୍ଚଳ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପ ଯୋଗେ ୪୦ ଲକ୍ଷରୁ ଅଧିକ ଅଣ-କୃଷି ନିଯୁକ୍ତି ଏବଂ ୪୦୦ ବିଲିୟନ୍ ଡଲାରରୁ ଅଧିକ କର୍ପୋରେଟ୍ ନିବେଶର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ ଅର୍ଥ ଯୋଗାଣ ସହଯୋଗୀ ଭାବେ ପ୍ରସ୍ତାବରେ ରହିଛି ।

# ସଂଶୋଧିତ ବନାନ ୭ଦିନ ଭିତରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ମହାଭାରତ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡ୍ ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଥାଉ କି, ଗତ ୨୨ ଜୁନ୍, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ଛଅ ମାସର ସମୟସୀମା ରଖାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି । ଏହାର ଅଂଶସ୍ୱରୂପ AngulKê Anugola, Balasoreକୁ Baleshwar, Kendraparaକୁ Kendrapada ଏବଂ Cuttackକୁ KATAKA ଭାବେ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି ।

ତେବେ, କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ଏଥିମଧ୍ୟରେ Jeypore ଏବଂ Soro ଭଳି ପୁରୁଣା ବନାନ ମଧ୍ୟ ରହିଛି । ଏଗୁଡ଼ିକର ସ୍ଥାନରେ ସରକାରଙ୍କ ଦ୍ୱାରା ଅନୁମୋଦିତ Jayapur ଏବଂ Sora ବନାନ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି । ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ସରକାରୀ ସ୍ଥାନନାମରେ ସଂଗତି ବଜାୟ ରଖିବା ଅତ୍ୟାବଶ୍ୟକ । ସରକାରୀ ସାଇନ୍‌ବୋର୍ଡରେ ପୁରୁଣା ବନାନର ବ୍ୟବହାର ଜାରି ରହିଲେ ସରକାରୀ ନାମକରଣରେ ଅସଙ୍ଗତି ସୃଷ୍ଟି ହେବା ସହ କ୍ୟାବିନେଟ୍ ନିଷ୍ପତ୍ତିର ଉଦ୍ଦେଶ୍ୟ ପ୍ରଭାବିତ ହେବ । ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନ୍‌ବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି । ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

# ପୋଖରୀରେ ବୁଡି ଦୁଇ ନାବାଳିକା ଭଉଣୀଙ୍କ ମୃତ୍ୟୁ

ନୂଆପଡା,୬।୯ : ନୂଆପଡା ଜିଲ୍ଲା ସିନାପାଲି ଥାନା ତିଲେଇମାଲ ଗ୍ରାମରେ ଏକ ଅଭାବନୀୟ ଘଟିଛି । ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିବା ଦୁଇ ଭଉଣୀଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ଦୁଇ ଭଉଣୀ ହେଲେ ତିଲେଇମାଲ ଗ୍ରାମର ନିଳକଣ୍ଠ ହଂସ ଙ୍କ ଝିଅ ଯଶୋଦା ହଂସ(୮) ବର୍ଷ ଓ ଗୁପ୍ତେଶ୍ୱରୀ ହଂସ(୫)ବର୍ଷ । ରବିବାର ପୂର୍ବାହ୍ଣ ପ୍ରାୟ ୧୧ଘଣ୍ଟା ସମୟ ବେଳେ ଦୁଇ ଭଉଣୀ ମା' ଉସାବତି ହଂସଙ୍କ ସହ ଗ୍ରାମର ଦରଲି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ମା' ଗାଧିସାରି ଘରକୁ ଫେରିଥିଲେ, କିନ୍ତୁ ଦୁଇ ଭଉଣୀ ସେଠାରେ ପାଣିରେ ଖେଳି ରହିଯାଇଥିଲେ । ଅନେକ ସମୟ ଧରି ଘରକୁ ନଫେରିବାରୁ ବାପା ନୀଳକଣ୍ଠ ଖୋଜିବାକୁ ପୋଖରୀକୁ ଗଲେ । ପୋଖରୀ ହୁଡାରେ ଦୁଇ ଭଉଣୀଙ୍କ କପଡା ପୋଖରୀ ହୁଡାରେ ରହିଥିଲା, କିନ୍ତୁ ଦୁଇଝିଅଙ୍କୁ ପାଇନଥିଲେ । ଆଶଙ୍କାରେ ପୋଖରୀରେ ଖୋଜାଖୋଜିଥିଲେ । ପାଣି ଭିତରୁ ଦୁଇ ଭଉଣୀଙ୍କୁ ମୃତଦେହ ବାହାର କରିଥିଲେ । ଖବରପାଇଁ ସିନାପାଲି ଥାନାଧିକାରୀ ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା । ଉଭୟ ମୃତଦେହକୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହକୁପରିବାରକୁହସ୍ତାନ୍ତର କରାଯାଇଛି, ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରାଯାଇ ପରବର୍ତ୍ତୀ ତଦନ୍ତ ଜାରି ରହିଛି ବୋଲି ଥାନା ସୂତ୍ରରୁ ପ୍ରକାଶ ।

# ବଢୁଛି ଋଣ ବୋଝ : ୨୦ ବର୍ଷରେ ୧ଲକ୍ଷ କୋଟି

ଭୁବନେଶ୍ୱର,୬।୯(ମହାଭାରତ): କୋଡିଏ ବର୍ଷ ଭିତରେ ରାଜ୍ୟର ଋଣ ପରିମାଣ ପ୍ରାୟ ୧ଲକ୍ଷ କୋଟି ଟଙ୍କା ବିଛି । ଏହି ଧାରା ଅବ୍ୟାହତ ରହିଲେ ୨୦୨୯ ବର୍ଷ ବେଳକୁ ଓଡିଶାର ଋଣ ବୋଝ ପାଖାପାଖି ୨ଲକ୍ଷ କୋଟି ଟଙ୍କାରେ ପହଂଚିପାରେ ବୋଲି ଅର୍ଥନୀତି ବିଶ୍ଳେଷକମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି ।

୨୦୦୦ ମସିହା ବେଳକୁ ଓଡିଶାର ଋଣବୋଝ ୧୮୦୦ କୋଟି ଟଙ୍କାରୁ ସାମାନ୍ୟ ଅଧିକ ଥିଲା । ଏହା ବିବି ୨୦୦୪-୦୫ରେ ୩୪,୦୫୧ କୋଟି ୧୮ଲକ୍ଷ ଟଙ୍କାରେ ପହଞ୍ଚିଥିବାବେଳେ ୨୦୦୯-୧୦ ବେଳକୁ ଓଡିଶାର ଋଣବୋଝ ୩୭,୭୩୦ କୋଟି ୪ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା । ୨୦୧୪-୧୫ ବର୍ଷରେ ଓଡିଶାର ଋଣବୋଝ ୪୩,୨୭୩ କୋଟି ୩୮ଲକ୍ଷ ଟଙ୍କା ହୋଇଥିବାବେଳେ ୨୦୨୬-୨୭ ବର୍ଷ ଶେଷସୁଦ୍ଧା ରାଜ୍ୟର ଋଣବୋଝ ୧ଲକ୍ଷ ୩୫ ହଜାର କୋଟି ଟଙ୍କା ହୋଇପାରେ ।



ରାଜ୍ୟରେ ପୁଞ୍ଜି ନିବେଶ ବଢ଼ିଥିବା ଓ ଅଧିକରୁ ଅଧିକ ସଂଖ୍ୟକ ଖଣି ଖନନ ଏବଂ ଶିଳ୍ପାୟନ ହେଉଥିବା ସତ୍ତ୍ୱେ ଓଡିଶା ସରକାରଙ୍କ ଋଣବୋଝ କମିବା ପରିବର୍ତ୍ତ ବଢ଼ିବଢ଼ି ଚାଲିଛି । ଏଠାରେ ଉଲ୍ଲେଖନୀୟ ଯେ ଚଳିତବର୍ଷର ରାଜ୍ୟ ବଜେଟ୍ ୩ଲକ୍ଷ ୧୦ ହଜାର କୋଟି ଟଙ୍କା ରହିଛି । ତେବେ ଅର୍ଥ ବିଭାଗ ସହ ସଂପୃକ୍ତ ଅଧିକାରୀମାନେ କହୁଛନ୍ତି ଯେ ରାଜ୍ୟର ଜିଡିପି ବିବା ସହିତ ମୁଣ୍ଡପିଛା ହାରାହାରି ଆୟ ମଧ୍ୟ ବୁଛି । ଏଥିସହିତ ଓଡିଶାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି । ଋଣ ବୋଝ ସଂକ୍ରାନ୍ତରେ କୁହାଯାଉଛି ଯେ ଏଫଆରବିଏମ୍ ଆଇନ୍‌ରେ ଜିଡିପି ଅନୁପାତରେ ଋଣ ପରିମାଣ ଯାହା ହେବା କଥା ଓଡିଶାରେ ତାହା ଢେର କମ୍ ରହିଛି ।

ରାଜ୍ୟ ବଜେଟ୍‌ର ମୁଖ୍ୟାଂଶ ଦରମା ଓ ପେନ୍‌ସନ୍ ପ୍ରଦାନ, ସରକାରୀ କାର୍ଯ୍ୟାଳୟଗୁଡିକର ରକ୍ଷଣାବେକ୍ଷଣ ଏବଂ ଋଣ ଓ ସୁଧ ପରିଶୋଧରେ ଚାଲିଯାଉଛି । ଅନେକ କେନ୍ଦ୍ରୀୟ ଯୋଜନାରେ ରାଜ୍ୟର ଅଂଶ ହ୍ରାସ ପାଇଛି । ଏସବୁ ସତ୍ତ୍ୱେ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଚାଷୀମାନେ ଅଧିକ ଧାନ ଫଳାଉଛନ୍ତି । ଚାଷୀମାନଙ୍କଠାରୁ ଧାନ କିଣିବା ବେଳେ ସରକାର ପୂର୍ବାପେକ୍ଷା ଢେର ଅଧିକ ଅର୍ଥ ପ୍ରଦାନ କରୁଛନ୍ତି । ଖାଦ୍ୟ ନିରାପତ୍ତା ସମେତ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟ ସରକାରଙ୍କୁ ମୋଟା ଅଙ୍କର ଅର୍ଥ ବ୍ୟୟ କରିବାକୁ ପଡୁଛି । ଓଡିଶାରେ ଏବେ ପ୍ରାୟ ୩କୋଟି ୩୦ଲକ୍ଷ ଲୋକଙ୍କ ପାଇଁ ମାଗଣା ଚାଉଳ ଦିଆଯାଉଛି । କେନ୍ଦ୍ର ସରକାର ମୁଣ୍ଡପିଛା ୫କିଲୋ କରି ଚାଉଳ କିମ୍ବା ଗହମ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଉଥିବାବେଳେ ଓଡିଶାରେ କିନ୍ତୁ ହିତାଧିକାରୀଙ୍କୁ ଆଉ ଅଧିକ ୫ କିଲୋ ଚାଉଳ ଦିଆଯାଉଛି ।ଅର୍ଥନୀତି ବିଶାରଦମାନଙ୍କର କହିବା କଥା ହେଉଛି ଧନୀ ଅଧିକ ଧନୀ ହେଉଥିବାରୁ ମୁଣ୍ଡପିଛା ହାରାହାରି ରୋଜଗାର ଅଧିକ ଦର୍ଶାଯାଉଛି । କିନ୍ତୁ ବାସ୍ତବରେ କୃଷି ଭିତ୍ତିକ ଗ୍ରାମ୍ୟ ଶିଳ୍ପ ଓ ଜଙ୍ଗଲଜାତ ସାମଗ୍ରୀ ଭିତ୍ତିକ ଶିଳ୍ପ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅଧିକ ସଂଖ୍ୟାରେ କରାଯାଇପାରୁ ନାହିଁ । କପଡା, ଲୁଣ, ଚିନି, ଆଳୁ ଆଦି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଓଡିଶାରେ ଅନୁକୂଳ ବାତାବରଣ ରହିଥିବାବେଳେ ଦଶନ୍ଧି ଦଶନ୍ଧି ଧରି ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ । ଏହାଛଡା କଣା ମାଠିଆରୁ ପାଣି ବୋହିଯିବା ପରି ଯେତେ ରୋଜଗାର ବୁଛି ତା'ର ମୁଖ୍ୟାଂଶ ନିଶା ପାଣି, ଆମୋଦ ପ୍ରମୋଦ ଓ ବଜାରୀକରଣ ଅର୍ଥନୀତିରେ ଖାଲି ହୋଇଯାଉଛି । ଏହାଛଡା ବେକାରୀ-ବେରୋଜଗାରୀ ଆଦି ମଧ୍ୟ ରାଜ୍ୟର ଅଭିବୃଦ୍ଧି କ୍ଷେତ୍ରରେ ଅନ୍ତରାୟ ସାଜୁଛନ୍ତି । ସରକାରୀ କଳ ମିତବ୍ୟୟିତା ଅବଲମ୍ବନ କରିପାରିଲେ ଅର୍ଥନୀତି ସୁଦୃଢ଼ ହେବା ସହିତ ଋଣ ଚାପ କମନ୍ତା ବୋଲି ମଧ୍ୟ କେତେକ ମତ ଦେଉଛନ୍ତି ।

# ୧୧ରେ ଦିଲ୍ଲୀର ସବୁ ସ୍କୁଲ୍ ବନ୍ଦ

ନୂଆଦିଲ୍ଲୀ୬।୯(ମହାଭାରତ): ଆଗାମୀ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀ ଦିଲ୍ଲୀରେ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେପ୍ଟେମ୍ବର ୧୧ ତାରିଖରେ ସମସ୍ତ ସ୍କୁଲ୍ ବନ୍ଦ ରହିବ । ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ସରକାରୀ ନିର୍ଦ୍ଦେଶନାମାରେ ଶନିବାର ଏହି ଛୁଟି ଘୋଷଣା କରାଯାଇଛି ।

ସ୍କୁଲ୍ ସହ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ମଧ୍ୟ ସେପ୍ଟେମ୍ବର ୧୧ରେ ବନ୍ଦ ରହିବ । ବ୍ରିକ୍ସ ଶିଖର ସମ୍ମିଳନୀର ଠିକ୍ ପୂର୍ବଦିନ ଏହି ଛୁଟି ଘୋଷଣା କରାଯାଇଛି । ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ଓ ଯାତାୟାତ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି ।ବିଦେଶୀ ପ୍ରତିନିଧି ଓ ଅତିଥିମାନଙ୍କ ଗାଡି ଚଳାଚଳ ଏବଂ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଯାତାୟାତ ଉପରେ ପ୍ରଭାବ ପଡିବାର ଆଶଙ୍କା ରହିଛି । ଏଭଳି ପରିସ୍ଥିତିରେ ସ୍କୁଲ୍ ଓ ଶିକ୍ଷା ନିର୍ଦ୍ଦେଶାଳୟର କାର୍ଯ୍ୟାଳୟଗୁଡିକୁ ଗୋଟିଏ ଦିନ ପାଇଁ ବନ୍ଦ ରଖିବା ନିଷ୍ପତ୍ତି ନିଆଯାଇଛି । ସେପ୍ଟେମ୍ବର ୧୧ ଶୁକ୍ରବାର ପଡୁଥିବାରୁ ଏହା ପରେ ଦୁଇଦିନ ସପ୍ତାହାନ୍ତ ଛୁଟି ମଧ୍ୟ ରହିବ ।

## ମାଛ ଚମଚମ

ଆବଶ୍ୟକ ସମାଗ୍ରୀ: ମାଛ , ବେସନ, ଚାଉଳ ଚୂନା, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, କଟା କଞ୍ଚାଲଙ୍କା, କଟା ପିଆଜ , ଅଦା ପିଆଜ ଶୁଖିଲାଲଙ୍କା ପେଷ୍ଟ , କାଜୁ ,ଟମାଟୋ ଓ ଦହି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଲୁଣ ଓ ହଳଦୀରେ ଗୋଳାଇ ଭାଜି ଦିଅନ୍ତୁ। ଏବେ ଭଜା ମାଛରୁ କଣ୍ଟା କାଢି ସେଥିରେ ବେସନ , ଚାଉଳ ଚୂନା , କଟା କଞ୍ଚାଲଙ୍କା , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଗୋଳା ମାଛ ଚକଟାକୁ ଗୋଲ ଗୋଲ କରି ଛାଣି ଦିଅନ୍ତୁ। ଏହା ପରେ ଗରମ ତେଲରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା, ପିଆଜ ଓ ଶୁଖିଲାଲଙ୍କା ପେଷ୍ଟ ପକାନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ କାଜୁ , ଟମାଟୋ ଓ ଦହି ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଗଲେ ସେଥିରେ ଭଜା ମାଛ ବରାକୁ ପକାନ୍ତୁ। ଦୁଇରୁ ତିନି ମିନିଟ ପରେ ପ୍ରସ୍ତୁତ ହୋଇଯିବ ମାଛ ଚମଚମ ।



**ଖବର**

## ସକାଳ ଜଳଖିଆ ଖାଉନାହାଁନ୍ତି କି ତେବେ ହୋଇଯାଆନ୍ତୁ ସାବଧାନ

ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡାଇ ଯାଆନ୍ତି । କିନ୍ତୁ ଜଣାଇବାକୁ ଚାହିଁବୁ ଯେ ଜଳଖିଆ ହେଉଛି ଆମ ଖାଦ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଜନ । ଅନ୍ୟପଟେ, ଯଦି ଆପଣ ସକାଳେ ଜଳଖିଆ ନକରନ୍ତି, ତେବେ ଆପଣଙ୍କର ଗୁରୁତର ସମସ୍ୟା ହୋଇପାରେ । ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡ଼ାଇ ଦିଅନ୍ତି । । ଜଳଖିଆ ନଖାଇବା ଦ୍ୱାରା ଆପଣଙ୍କ ହୃତପିଣ୍ଡ ଭଲ ଭାବରେ କାମ କରେ ନାହିଁ । ଯେଉଁଥିପାଇଁ ଆପଣଙ୍କ ହୃଦୟ ସହିତ ଜଡିତ ସମସ୍ୟା ମଧ ହୋଇପାରେ । ତେବେ ଆସନ୍ତୁ ଜାଣିବା ଜଳଖିଆ ସ୍କିପ୍ କଲେ ଏହା ଆପଣଙ୍କ ଶରୀର ଉପରେ କଣ ପ୍ରଭାବ ପକାଇବ ।



**ଓଜନ ବୃଦ୍ଧି:**
ଯଦି ଆପଣ ଜଳଖିଆ ଖାଉ ନାହାନ୍ତି, ତେବେ ଆପଣ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନରେ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ଆପଣ ଅଧିକ ପରିପୂର୍ଣ୍ଣ ଚର୍ବି, କ୍ୟାଲୋରୀ ଏବଂ ମିଠା ଜାତୀୟ ଖାଦ୍ୟ ଖାଇବା ଆରମ୍ଭ କରନ୍ତି । ଯେଉଁ କାରଣରୁ ଆପଣଙ୍କ ଓଜନ ଦ୍ରୁତ ଗତିରେ ବଢିବା ଆରମ୍ଭ କରେ ।

**ମଧୁମେହ:**
ଯଦି ଆପଣ ଜଳଖିଆକୁ ଅଣଦେଖା କରନ୍ତି, ତେବେ ଏହା ମଧୁମେହ ହେବାର ସମ୍ଭାବନା ବଢାଇଥାଏ । କାର୍ଯ୍ୟରତ ଲୋକ ମାନଙ୍କ ସହିତ ଏହି ସମସ୍ୟା ଅଧିକ ହୋଇଥାଏ ।

**ଇମ୍ୟୁନିଟୀ:**
ମାନସିକ ସ୍ତରରେ, ଯଦି ଆପଣ ସକାଳେ ଜଳଖିଆ ନ କରନ୍ତି, ତେବେ ଆପଣ ଦିନସାରା କ୍ଲାନ୍ତ ଅନୁଭବ କରିବେ ଏବଂ ଆପଣଙ୍କ ମନୋବଳ ମଧ ଠିକ ରହିବ ନାହିଁ ।

**ହୃଦୟ ସମସ୍ୟା:**
ଯେଉଁ ଲୋକମାନେ ସକାଳେ ଜଳଖିଆ କରନ୍ତି ନାହିଁ, ସେମାନଙ୍କର ରକ୍ତଚାପ ସାଧାରଣ ଅପେକ୍ଷା ଅଧିକ ରହିବାକୁ ଲାଗେ, ଯାହା ଧମନୀ ରକ୍ତ ପ୍ରବାହକୁ ପ୍ରଭାବିତ କରିଥାଏ । ସେଥିପାଇଁ ଭୁଲ୍ରେ ମଧ ଜଳଖିଆ ସ୍କିପ କରିବା ଉଚିତ୍ ନୁହେଁ ।

**କ୍ୟାନସର ହେବାର ଆଶଙ୍କା:**
ଯଦି ଆପଣ ଜଳଖିଆ ସହିତ ଦିନ ଆରମ୍ଭ ନକରନ୍ତି, ତେବେ ଆପଣଙ୍କୁ ଅନେକ ଗମ୍ଭୀର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏହାର ଅର୍ଥ ଆପଣ ମଧ କ୍ୟାନସର ରୋଗର ଶିକାର ହୋଇପାରନ୍ତି । ସେଥିପାଇଁ ଜଳଖିଆକୁ କେବେବି ସ୍କିପ କରିବା ଉଚିତ୍ ନୁହେଁ ।

**ଅଧକପାଳୀ:**
ଯେତେବେଳେ ଆପଣ ଜଳଖିଆ ନ ଖାଆନ୍ତି, ସେହି ସମୟରେ ଆପଣଙ୍କ ରକ୍ତରେ ଶର୍କରା ସ୍ତର କମ୍ ହୋଇଥାଏ ଏବଂ ଏହା ଉଚ୍ଚ ରକ୍ତଚାପ ଏବଂ ମୁଣ୍ଡବିନ୍ଧା ବା ଅଧକପାଳୀର କାରଣ ହୋଇପାରେ । ତେଣୁ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ।

## ପୁଦିନା ଚା' କେତେ ଉପକାରୀ

ପୁଦିନା ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ପୁଦିନା ପତ୍ର ଖାଇବା ଦ୍ୱାରା ନିଜ ଶରୀରକୁ ଅନେକ ରୋଗରୁ ସୁରକ୍ଷା ଦେଇପାରିବେ। ପୁଦିନାକୁ ଅନେକ ଚଟଣୀ ଭାବେ ଖାଦ୍ୟରେ ବ୍ୟବହାର କରିଥା'ନ୍ତି। କିନ୍ତୁ ଆପଣ କେବେ ପୁଦିନା ପତ୍ରର ଚା' ପିଇଛନ୍ତି କି ଯଦି ନୁହେଁ, ତେବେ ଆସନ୍ତୁ ପୁଦିନା ପତ୍ର ଚା' ତିଆରି କରିବାର ପ୍ରଣାଳୀ ଓ ଏହାର ଶରୀର ପାଇଁ ଉପକାରିତା ସମ୍ପର୍କରେ ଜାଣିବା।

- ପୁଦିନା ପତ୍ରର ଚା' ଶରୀରରେ ରୋଗ ପ୍ରତିରାଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଏହା ପାଚନ ପ୍ରକ୍ରିୟା ନିୟନ୍ତ୍ରଣ କରିବା ସହ ଏହାକୁ ସହଜ କରିଥାଏ। ପୁଦିନ ଚା' ପରିସ୍ରା ଜଳାପୋଡ଼ା ଦୂର କରେ ଏବଂ ଶ୍ୱାସଜନିତ ସମସ୍ୟା ଓ ଶ୍ୱାସ ନଳୀରେ ସଂକ୍ରମଣକୁ ଭଲ କରିଥାଏ।
- ପୁଦିନା ପତ୍ରରୁ ପ୍ରସ୍ତୁତ ଚା' ମାନସିକ ଅବସାଦ ଦୂର କରେ। ଏପରିକି ଏହା ଶରୀରକୁ କ୍ୟାନସରୁ ସୁରକ୍ଷା ଦିଏ।

ପୁଦିନା ଚା' ତିଆରି ପାଇଁ ଆବଶ୍ୟକ ସାମଗ୍ରୀ

- ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ଏବଂ ଆବଶ୍ୟକ ଅନୁସାରେ ପାଣି

ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ। ସେଥିରେ ୮ରୁ ୧୦ ଟି ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ପକାଇ ପାଣିକୁ ଫୁଟାନ୍ତୁ। କିଛି ସମୟ ପରେ ଏହାକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇ ଯାଇଛି ପୁଦିନା ଚା'। ଏହାକୁ ନିତିଦିନ ପିଅନ୍ତୁ ଏବଂ ନିଜ ସ୍ୱାସ୍ଥ୍ୟ ଓ ମନକୁ ସୁସ୍ଥ ରଖନ୍ତୁ।

## କର୍ମ ବଡ଼ କି ଭାଗ୍ୟ ?

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି ।

ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି ? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା। କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୂଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

## ନିମିଙ୍କ ଶରୀର ମନ୍ଥନରୁ ଜନକଙ୍କ ଜନ୍ମ



ରାଜା ନିମି ଓ ମହର୍ଷି ବଶିଷ୍ଠ ଉଭୟେ ଉଭୟଙ୍କୁ ଅଭିଶାପ ଦେବା ପରେ ଏଥିରୁ ମୁକ୍ତି ପାଇବା ପାଇଁ ମହର୍ଷି ବଶିଷ୍ଠ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ବ୍ରହ୍ମା କହିଲେ, ବତ୍ସ ! ତୁ ବ୍ରହ୍ମଜ୍ଞାନୀ ଓ ମୋର ମାନସପୁତ୍ର ହୋଇ କ୍ରୋଧରେ ଅଜ୍ଞାନ ହୋଇ ନିର୍ଦ୍ଦୋଷ ରାଜାଙ୍କୁ ଅଭିଶପ୍ତ କଲୁ । ତୁ ବ୍ରାହ୍ମଣ ହୋଇ ନିଜର ହିତାହିତ ବିଚାରକୁ ପାସୋରି ଦେଲୁ। ତୁ ଲୋଭାସକ୍ତ ହୋଇ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାକୁ ଗଲୁ । ନିମି କେତେ ବ୍ରହ୍ମରଷିଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ କ'ଣ ତୋତେ ଅପେକ୍ଷା କରିଥାନ୍ତେ ? ତୁ ଯେପରି କର୍ମ କରିଛୁ ସେହିପରି ଫଳପ୍ରାପ୍ତି ହେଲୁ । ଏବେ ମୋର ଆଜ୍ଞା ମାନି ମିତ୍ର ବରୁଣଙ୍କପୁରକୁ ଯାଇ ତାଙ୍କ କୁମ୍ଭରେ ବୁଡ଼ିକରି ଆସିବୁ । ତାହା ହେଲେ, ତୋ ବ୍ରହ୍ମଜ୍ଞାନ ତୋ ନିକଟକୁ ଫେରି ଆସିବ । କିନ୍ତୁ ନିମିଙ୍କ ଶାପରୁ ତୁ ସର୍ବଦା ସୂର୍ଯ୍ୟବଂଶର କୁଳଗୁରୁ ହୋଇ ରହିବୁ । ସେହି ବଂଶର ଯାହା କାର୍ଯ୍ୟ ହେବ ଶେଷ କରି ସାରିଲେ ଅନ୍ୟତ୍ର ଯିବୁ । ତା ନ କଲେ ମୋ ପାଖକୁ ଆଉ ଆସିବୁ ନାହିଁ । ବଶିଷ୍ଠ ନିଜ ପିତାଙ୍କ ଆଜ୍ଞାକୁ ମାନି ନେଲେ ଓ ତାଙ୍କ ବ୍ରହ୍ମଜ୍ଞାନ ଚେତନା ପୁନଶ୍ଚ ଫେରି ପାଇଲେ । ନିମି ରାଜା ବଶିଷ୍ଠଙ୍କ ଅଭିଶାପରେ ସର୍ବଦା ଚେତନାହୀନ ହୋଇ ଶୟନ କରି ରହିଲେ ।

ଏହା ଦେଖି ସମସ୍ତ ବ୍ରହ୍ମର୍ଷି ଦୁଃଖିତ ହୋଇ ନିମିଙ୍କର ଚେତନାହୀନ ଶରୀରକୁ ନେଇ ଯଜ୍ଞ ଶେଷ କଲେ । ସେହି ବ୍ରହ୍ମର୍ଷିମାନେ ନିଜେ ନିଜର କିଛି କିଛି ତପଃ ବଳ ଦେଇ କହିଲେ, ନିମିଙ୍କର ମଙ୍ଗଳ ହେଉ । ସର୍ବଋଷିଙ୍କ ତପଃ ପ୍ରଭାବରେ ନିମିଙ୍କ ଉପରେ ସ୍ୱର୍ଗପୁରର ଅମରଗଣ ସନ୍ତୁଷ୍ଟ ହୋଇ ନିମିଙ୍କ ଚେତନାକୁ ଜାଗ୍ରତ କଲେ । ଦେବଗଣ କହିଲେ ହେ ରାଜା ! ତୁମ୍ଭେ ଯାହା ମାଗିବ ଆମ୍ଭେମାନେ ତାହା ଦେବୁ । କିନ୍ତୁ ନିମିଙ୍କ ଚେତନା ଜାଗ୍ରତ ହୋଇ କହିଲେ ହେ ଦେବଗଣ ! ଯେବେ ଯାଚିକରି ବରଦାନ କରୁଛନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ, ଯେପରି ଏହି ଜଗତର ସମସ୍ତ ପ୍ରାଣୀଙ୍କ ନେତ୍ରରେ ମୁଁ ବାସ କରିପାରିବି ଏବଂ ସର୍ବଦା ବାୟୁ ରୂପରେ ମୁଁ ବନ୍ଦ ହେଉଥିବି ଓ ଖୋଲୁଥିବି । ତା'ର ନାମ ହେବ (ଆଖିର ପଲକ ପଡ଼ିବା କିମ୍ବା ପିଛୁଳା ପଡ଼ିବା) ଆଖିର ପଲକ । ଦେବତାମାନେ ତଥାସ୍ତୁ କହି ଅନ୍ତର ହେଲେ । ସେହିଦିନରୁ ନିମିଙ୍କ ଚେତନା ସର୍ବଜନଙ୍କ ନେତ୍ରରେ ପିଛୁଳା ହୋଇ ବସିଲେ । ଯେଉଁ ଧର୍ମକାର୍ଯ୍ୟ ଜୀବମାନଙ୍କ ନେତ୍ର ସେହିଦିନୁ ଦେଖୁଛି । ନିମି ତାହା ପ୍ରାପ୍ତ ହେଉଛନ୍ତି । ନିମି ଏହି ଗତି ଲାଭ କଲା ପରେ ଋଷିମାନେ ତାଙ୍କ ପିଣ୍ଡକୁ ଆଣି ବେଦମନ୍ତ୍ରରେ ପୁତଃକରି ଯଜ୍ଞକୁଣ୍ଡରେ ଭର୍ତ୍ତି କଲେ ଓ ମନ୍ତ୍ରପାଠ କରି ମନ୍ଥନ କଲେ । ସେହିପରି ମନ୍ଥନ କରିବା ଦ୍ୱାରା ସେଥିରୁ ଏକ ଜ୍ୟୋତିର୍ମୟ ପୁରୁଷ ବାହାର ହେଲେ। ସେହି ଜ୍ୟୋତିର୍ମୟ ପୁରୁଷଙ୍କୁ ଦେଖି ଋଷିଗଣ କହିଲେ, ନିମିଙ୍କ ଶରୀର ମନ୍ଥନ କରିବାକୁ ଏହି ପୁରୁଷଜାତ ହୋଇଛନ୍ତି । ଇଏ ନିମିଙ୍କ ସିନ୍ତାନ ରୂପେ ଚିହ୍ନିତ ହେବେ। ଏହି ଦିବ୍ୟପୁରୁଷ ଅଯୋନି ସମ୍ଭୁତ ଅଟନ୍ତି । ତେଣୁ ଏହାଙ୍କ ନାମ ମିଥିଳା ଜନକ ହେଉଛି। ନିମିଙ୍କ ଶରୀର ମନ୍ଥନ ହେତୁ ନାମ ମିଥିଳା ଜନକ ହେଲା । ଅନ୍ୟ କେତେକ ଋଷି କହିଲେ ନିମିଙ୍କ ଶରୀର ମଧ୍ୟରେ ପ୍ରାଣ ନ ଥିଲା । ନିମି ବିଦେହ ଅଟନ୍ତି । ତେଣୁ ଏହି ବୈଜୟନ୍ତୀ ପୁରକୁ ବିଦେହ ନଗର ନାମରେ ନାମିତ କରାଯାଉ । ଋଷିମାନେ ତାଙ୍କୁ କଲ୍ୟାଣ କଲେ । ସେହି ଦିବ୍ୟପୁରୁଷ ଅଯୋନି ହେତୁ ଋଷିମାନେ ତାଙ୍କୁ କଲ୍ୟାଣ କଲେ, ତୁମ୍ଭେ ସକଳ ଶାସ୍ତ୍ର ପୁରାଣରେ ପଣ୍ଡିତ ହୁଅ । ତୁମ୍ଭର ଯଶଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପିଯାଉ। ଋଷିମାନେ ମିଥିଳା ଜନକଙ୍କୁ ନିମିଙ୍କ ପୁତ୍ର ରୂପରେ ନାମିତ କରାଇ ବିଦେହ ରାଜ୍ୟରେ ରାଜା ରୂପରେ ଅଭିଷିକ୍ତ କରାଇଲେ । ଯେଉଁ ସ୍ଥାନରେ ନିମି ଶରୀର ମନ୍ଥନ କରିଥିଲେ, ସେହି ସ୍ଥାନକୁ ମିଥିଳା ନାମରେ ନାମିତ କରି ତାହାକୁ ବିଦେହର ରାଜଧାନୀ କରି ଋଷିମାନେ ଜନକଙ୍କୁ ଆଶୀର୍ବାଦ ଦେଇ ବିଦାୟ ନେଲେ।

## ହନୁମାନଙ୍କୁ ଶନିଦେବଙ୍କ ଆଶୀର୍ବାଦ

କୁହାଯାଏ ଯେ, ରାମଭକ୍ତ ହନୁମାନ ଧରାପୃଷ୍ଠରେ ବିଚରଣ କରନ୍ତି । ଭଗବାନ ହନୁମାନ ହେଉଛନ୍ତି କଳିଯୁଗରେ ଏକମାତ୍ର ଜୀବିତ ଦେବତା । ଭଗବାନ ହନୁମାନ ବହୁତ୍ ଶୀଘ୍ର ଭକ୍ତଙ୍କ ଉପରେ ପ୍ରସନ୍ନ ହୋଇଯାଆନ୍ତି । ଯେଉଁ ଭକ୍ତ ସ୍ୱଚ୍ଛ ମନରେ ହନୁମାନଙ୍କ ପୂଜାର୍ଚ୍ଚନା କରିବା ସହ ସ୍ମରଣ କରେ,



ଯଥାଶୀଘ୍ର ସେହି ବ୍ୟକ୍ତିର ମନୋସ୍କାମନା ପୂରଣ ହୋଇଥାଏ । ଏହା ସହ ସଂକଟ ମୋଚନଙ୍କ ନାମ ଜପ କରିବା ଦ୍ୱାରା ସବୁ ସଂକଟ ଦୂର ହୋଇଥାଏ । ଖରାପ ସମୟରେ ହନୁମାନଙ୍କ ନାମ ଜପ କରିବା ଦ୍ୱାରା ସବୁ ସମସ୍ୟା ଦୂର ହୋଇଥାଏ । ଯେଉଁ ଭକ୍ତ ନିୟମିତ ହନୁମାନ ଚାଳିଶା ପାଠ କରେ ତା ଉପରେ ହନୁମାନଙ୍କ କୃପା ସର୍ବଦା ରହିଥାଏ । ପ୍ରତିଦିନ ହନୁମାନ ଚାଳିଶା ପାଠ କରିବା ଓ ଶୁଣିବା ଦ୍ୱାରା ବୁଦ୍ଧି ଓ ବିଦ୍ୟା ଜାଗୃତ ହୋଇଥାଏ । ଯେଉଁ ଭକ୍ତ ପ୍ରତ୍ୟେକ ମଙ୍ଗଳବାର ବ୍ରତ ରଖିବା ସହ ଭଗବାନ ହନୁମାନଙ୍କ ବିଶେଷ ପୂଜା ଓ ଆରାଧନା କରେ, ସେହି ବ୍ୟକ୍ତି ହନୁମାନଙ୍କ କୃପା ସର୍ବଦା ଲାଭ କରିଥାଏ । ମଙ୍ଗଳବାର ବ୍ୟତିତ ଶନିବାର ଦିନ ବଜରଙ୍ଗବାଲୀଙ୍କୁ ପୂଜା କରାଯାଏ । ଏହାର କାରଣ ହେଉଛି ପୌରାଣିକ ବିଷୟବସ୍ତୁ ଅନୁଯାୟୀ ବଜରଙ୍ଗବାଲୀ ଶନିଦେବତାଙ୍କୁ ଏକ ଯୁଦ୍ଧରେ ପରାସ୍ତ କରିଥିଲେ । ସେହି ଦିନ ଶନିଦେବ ବଜରଙ୍ଗବାଲୀଙ୍କୁ ଆଶୀର୍ବାଦ ଦେଇଥିଲେ ଯେ, ଯେଉଁ ବ୍ୟକ୍ତି ଶନିବାର ହନୁମାନଙ୍କୁ ପୂଜା କରିବ ସେହି ବ୍ୟକ୍ତି ଉପରେ କଦାପି ଶନିକୋପ ପଡ଼ିବ ନାହିଁ ।

## ବୃହତ୍ ଶିଳ୍ପ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କର



ଭୁବନେଶ୍ୱର,୬।୯ (ମହାଭାରତ): ଓଡ଼ିଶାରେ ବୃହତ୍ ଶିଳ୍ପନିବେଶଭିତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗତକାଲି ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବତଥା ଇଡକୋର ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ,ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅର୍ଥ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ ଓ ପରିବହନ, ଜଳ ସଂପଦ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଇଡକୋ, ଓଡ଼ିଶା ଖଣି ନିଗମ, ଇପିକଲ ,ଟିପିସିଓଡିଏଲ ଆଦିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ନ୍ୟାସନାଲ ଆଲୁମିନିୟମ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନାଲକୋ ସମ୍ପର୍କିତ ଆଲୋଚନାରେସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଂଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ'କୋଇଲା ଖଣିଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତିଭୂମିର ବିକାଶ ଆଦି ବିଷୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ଏହାସହ ଆଦାନୀ ଗ୍ରୁପ୍ ର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଂଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା । ବିଶେଷକରି ଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତିଭୂମି ବିକାଶସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା । ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପକୂଳ ନିୟନ୍ତ୍ରଣ ଅଂଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।ରାଜ୍ୟରେ ବୃହତ୍ ନିବେଶ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ, ରାଜ୍ୟର ଶିଳ୍ପ ବିକାଶ, ନିବେଶ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଥିଲେ ।

## ରେଟରେଡକ୍ରସ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ



ଭୁବନେଶ୍ୱର,୬।୯ (ମହାଭାରତ): ହଂସପାଳସ୍ଥିତ ବ୍ଲୁଲାଗୁନ୍ ବ୍ୟାଙ୍କୁଏଟ ହଲରେ ଟିମ କରୁଣା ଓ ଅରେଞ୍ଜ ପ୍ରପର୍ଟିଜ୍ ପକ୍ଷରୁ ପୋଲିସ କମିସନରେଟ ରେଡକ୍ରସ୍‌ର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୬ ଜଣ ରକ୍ତଦାତା ରକ୍ତଦାନ କରିଥିବା ବେଳେ ପୋଲିସ କମିସନରେଟ ରେଡକ୍ରସ୍ ଆଞ୍ଚଳିକ ଶାଖାର ପ୍ରତିଷ୍ଠାତା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା ଓ ରେଡକ୍ରସ୍ ଓ ରକ୍ତଦାନ ଶିବିର ଦାୟୀତ୍ୱରେ ଥିବା ଏସ୍ ଆଇ ଶିବାନୀ ନନ୍ଦ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଟିମ୍ କରୁଣାର ସଭାପତି ଡ. ଦ୍ୱାରିକାନାଥ ମହାନ୍ତି, ଉପ-ସଭାପତି ଇଂ. ସୂର୍ଯ୍ୟମଣୀ ଦାସ, ସମ୍ପାଦକ ଡ. ହେମନ୍ତ କାନୁନଗୋ, ଅରେଞ୍ଜ ପ୍ରପର୍ଟିଜ୍ ପକ୍ଷରୁ ଧୀରଜ ଅଗ୍ରୱାଲା ଓ ସନ୍ତୋଷକୁମାରମହାନ୍ତି , ସନରାଇଜ ୱାକରସ୍ କ୍ଲବର ସଭାପତି ଜୟକୃଷ୍ଣ ପଟ୍ଟନାୟକ ଓ ସମ୍ପାଦକ ବିଶ୍ୱଜିତ ରଣା ପ୍ରମୁଖ ରକ୍ତଦାନ ଶିବିର ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ । ଟିମ୍ କରୁଣାର ସଦସ୍ୟ ପ୍ରସନ୍ନ କୁମାର ରଥ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଦେବୋତର ଆଇନ ସଂଶୋଧନ ବୈଠକ

ଭୁବନେଶ୍ୱର,୬।୯ (ମହାଭାରତ): ରାଜ୍ୟରେ ଦେବୋତର ବିଭାଗ ଅଧିନରେ ଅନେକ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନମାନ ରହିଛି । ଏଥି ମଧ୍ୟରୁ ଅନେକ ମନ୍ଦିର ଓ ମଠଗୁଡ଼ିକ ବହୁ ପୁରାତନ ହୋଇଥିବାବେଳେ ଏହାର ପରିଚାଳନା ନେଇ ସ୍ପଷ୍ଟ ନିୟମାବଳୀ ନାହିଁ । ଏହି କ୍ରମରେ ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତର ଆଇନ ୧୯୫୧ରେ ଆବଶ୍ୟକ ସଂଶୋଧନ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଏବଂ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା । ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ଏହି ବୈଠକରେ ଲ'କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତର କମିଶନର ସତ୍ୟ ନାରାୟଣ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମଥ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଶନ୍-ମୋଡ୍‌ରେ କାର୍ଯ୍ୟକାରୀ ହେବ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'

ଭୁବନେଶ୍ୱର,୬।୯ (ମହାଭାରତ): ରାଜ୍ୟରେ ପୁଷ୍ଟିହୀନତା ଦୂରୀକରଣ ସହ ମାତୃ ଓ ଶିଶୁ ପୁଷ୍ଟିରେ ଉନ୍ନତି ଆଣିବା ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'କୁ ମିଶନ୍-ମୋଡ୍‌ରେ କାର୍ଯ୍ୟକାରୀ କରାଯିବ। ଏ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ 'ଓଡ଼ିଶା ପୁଷ୍ଟି ମିଶନ'ର କାର୍ଯ୍ୟାନ୍ୱୟନ ଓ ରଣନୀତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ପୁଷ୍ଟିହୀନତା ଦୂରୀକରଣ, ଡିଜିଟାଲ ନିରୀକ୍ଷଣ ମାଧ୍ୟମରେ ସେବା ପ୍ରଦାନକୁ ସୁଦୃଢ଼ କରିବା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା' ଅଧୀନରେ ଅସମ୍ପୂର୍ଣ୍ଣ କୋଠା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ଆବଶ୍ୟକ ସ୍ଥାନରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରି ଶିଶୁମାନଙ୍କ ପାଇଁ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ପୁଷ୍ଟିହୀନତା ଅଧିକ ଥିବା ୧୮ଟି ଜିଲ୍ଲାକୁ ବିଶେଷ ଭାବେ ଚିହ୍ନଟ କରାଯାଇଛି। ଏହି ଜିଲ୍ଲାଗୁଡ଼ିକର ୧୦୦ଟି ଆଇସିଡିଏସ୍ ପ୍ରକଳ୍ପ ଅଧୀନରେ ଥିବା ୨୨,୭୦୭ଟି ଅଙ୍ଗନବାଡ଼ି କେନ୍ଦ୍ର ସହ ପୁଷ୍ଟି ସୂଚକାଙ୍କ ଆଧାରରେ ଦୁର୍ବଳ ପ୍ରଦର୍ଶନ କରୁଥିବା ୨୨୨ଟି ଅଙ୍ଗନବାଡ଼ି କେନ୍ଦ୍ର ଏବଂ ମାଓପ୍ରଭାବିତ ଅଂଚଳର ୧୫୯ଟି 'ଗ୍ରାମୋଦୟ' ଅଙ୍ଗନବାଡ଼ି କେନ୍ଦ୍ରକୁ ମିଶାଇ ମୋଟ ୨୩,୦୮୮ଟି କେନ୍ଦ୍ରକୁ ଏହି ମିଶନରେ ସାମିଲ କରାଯାଇଛି।



ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ଏଥିପାଇଁ ଚିହ୍ନଟ କରାଯାଇଛି। ଏଥିରେ ନୀତି ଆୟୋଗ ଚିହ୍ନଟ କରିଥିବା ୯ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ପୁଷ୍ଟିହୀନତାର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ହସ୍ତକ୍ଷେପ ପାଇଁ ମିଶନରେ ୯ଟି ରଣନୀତିକ ସ୍ତମ୍ଭ ଉପରେ କାର୍ଯ୍ୟ କରାଯିବ। ଏଥିରେ ଶୀଘ୍ର ଚିହ୍ନଟ, ସହାୟତା, ଶିକ୍ଷା, ପୁଷ୍ଟିବର୍ଦ୍ଧନ, ପୁଷ୍ଟିକର ଖାଦ୍ୟ, ବ୍ୟବହାରିକ ସଚେତନତା, ବିଶ୍ଳେଷଣ, ମୂଲ୍ୟାଙ୍କନ ଓ ଉନ୍ନତିକୁ ସାମିଲ କରାଯାଇଛି। ପୋଷଣ ଟ୍ରାକର ମାଧ୍ୟମରେ ଶିଶୁମାନଙ୍କ ପୁଷ୍ଟି ସ୍ଥିତିର ନିୟମିତ ଚିହ୍ନଟ ସହ ଡିଜିଟାଲ ଓ ତଥ୍ୟଭିତ୍ତିକ ନିରୀକ୍ଷଣକୁ ସୁଦୃଢ଼ କରାଯିବ। ଶିଶୁଙ୍କ ଜୀବନର ପ୍ରଥମ ୧,୦୦୦ ଦିନ, କମ୍ ଓଜନର ନବଜାତକ ଏବଂ ଶିଶୁ ପୁଷ୍ଟି ଉପରେ ବିଶେଷ ଗୁରୁତ୍ୱ ରହିବ। 'ସୁପୋଷିତ ଓଡ଼ିଶା ମିଶନ' ମାଧ୍ୟମରେ ଅଙ୍ଗନବାଡ଼ି ସ୍ତରରେ ଗୁରୁତର କମ୍ ଓଜନ ଓ କ୍ଷୀଣତାର ଶିକାର ଶିଶୁଙ୍କ ସଂଖ୍ୟାକୁ ଶୂନ୍ୟ କରିବା ଲକ୍ଷ୍ୟ ରଖାଯାଇଛି। ଗର୍ଭବତୀ ଓ ପ୍ରସୂତି ମା' ଏବଂ କିଶୋରୀମାନଙ୍କ ପାଇଁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ସହ ଗୁରୁତର ପୁଷ୍ଟିହୀନ ଶିଶୁଙ୍କ ପାଇଁ ବିଶେଷ ପୁଷ୍ଟି ସହାୟତା ବ୍ୟବସ୍ଥା କରାଯିବ। ପୁଷ୍ଟିକର ଖାଦ୍ୟ ଯୋଗାଣ, ମାଇକ୍ରୋନ୍ୟୁଟ୍ରିଏଂଟ୍ ଅଭାବ ପୂରଣ, ଖାଦ୍ୟ ସୁଦୃଢ଼ୀକରଣ, ପୁଷ୍ଟି ସଚେତନତା ଓ ସମୁଦାୟର ଅଂଶଗ୍ରହଣ ଉପରେ ମଧ୍ୟ ମିଶନରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମର ନିରୀକ୍ଷଣ ଓ ଗୁଣାତ୍ମକ ମୂଲ୍ୟାଙ୍କନ ପାଇଁ ଜିଓ-ଟ୍ୟାଗ୍ଡ ଅଙ୍ଗନବାଡ଼ି ପରିଦର୍ଶନ, ଲାଇଭ୍ ଡ୍ୟାସ୍‌ବୋର୍ଡ, ସ୍ୱାଧୀନ ମୂଲ୍ୟାଙ୍କନ ଓ ଗୁଣବତ୍ତା ପରୀକ୍ଷଣ ଭଳି ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ୨୦୨୬-୨୭ ଓ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ 'ଓଡ଼ିଶା ପୁଷ୍ଟି ମିଶନ' ନିମନ୍ତେ ମୋଟ ?୩୬୦.୬୮ କୋଟିର ପ୍ରସ୍ତାବିତ ବ୍ୟୟବରାଦ ରହିଛି।

## ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛନ୍ତି ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୬।୯ (ମହାଭାରତ): ପ୍ରତିଥର ପରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ୧୩୭ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । "ମନ୍ କି ବାତ୍"ରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଦେଶଭକ୍ତି, ରାଷ୍ଟ୍ରଭକ୍ତି, ଜାତୀୟତାବାଦ ଏବଂ ଅଗଷ୍ଟ ମାସରେ କ୍ରାନ୍ତି ଦିବସଠାରୁ ବିଭାଜନ ବିଭୀଷିକା ବିଷୟରେ ଆଲୋକପାତ କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ଭାରତବର୍ଷର ଲୋକଙ୍କ ମଧ୍ୟରେ କିପରି ଜାତୀୟତାବାଦ ଉଦ୍ରେକ ହୋଇଛି ଏବଂ ତିରଙ୍ଗା ଯାତ୍ରା କିପରି ରେକର୍ଡ ସୃଷ୍ଟି କରିଛି ସେ ବିଷୟରେ ଉଲ୍ଲେଖ କରିଛନ୍ତି । ଏଥର ୮କୋଟିରୁ ଉର୍ଦ୍ଧ୍ୱ ଲୋକ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତି, ଯାହା ଆଜି ବିପ୍ଳବରେ ପରିଣତ ହୋଇଛି ଏବଂ ଲୋକଙ୍କ ଭିତରେ ଜାଗରଣ ବଢ଼ାଇପାରିଛି ବୋଲି ଭୁବନେଶ୍ୱର ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲକାଟି ମଣ୍ଡଳର ୯୬ ନମ୍ବର ବୁଥ୍‌ରେ "ମନ୍ କି ବାତ୍" କାର୍ଯ୍ୟକ୍ରମ ଶୁଣିବା ପରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, "ମନ୍ କି ବାତ୍" କାର୍ଯ୍ୟକ୍ରମରେ ପୁଣି ଥରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାର କଥା କହିଛନ୍ତି । ସମ୍ବଲପୁର ଡେବ୍ରୀଗଡ଼ର ମୈଥେଳୀ ଭୁଏ କିପରି ଜଙ୍ଗଲ ସୁରକ୍ଷା କରି ରୋଜଗାରର ନୂଆ ବାଟ ଦେଖାଇଛନ୍ତି ତାହା ପ୍ରଶଂସନୀୟ । ଏହା ସମସ୍ତଙ୍କୁ ପ୍ରେରଣା ଯୋଗାଇବ । ପୂଜା ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ପୁଣି ଥରେ 'ଭୋକାଲ ଫର ଲୋକାଲ'କୁ ପ୍ରୋତ୍ସାହିତ କରିବା ପାଇଁ ମୋଦିଜୀ ଆହ୍ୱାନ ଦେଇଛନ୍ତି । ପିଏମ୍ ସ୍ୱନିଧି ଯୋଜନାରେ ୪୫%(୩୫ ଲକ୍ଷ) ହେଉଛନ୍ତି ମହିଳା । ଏହା ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ମହିଳାଙ୍କ ଭୂମିକାର ଗୁରୁତ୍ୱ ବହନକୁ ଦର୍ଶାଉଛି । ନିଶାମୁକ୍ତ ଭାରତ ଏବଂ ଆମ ଯୁବପିଢ଼ିଙ୍କ ପାଇଁ ଏକ ମଜବୁତ ଭବିଷ୍ୟତ ଗଠନ କରିବା ପାଇଁ ଏକାଠି ହେବାକୁ ମୋଦିଜୀ ଆହ୍ୱାନ ଦେଇଛନ୍ତି । ଏପରି ବିଭିନ୍ନ ପ୍ରସଙ୍ଗରେ ସେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଲୋଚନା କରିବା ସହ ସାଧାରଣ ଲୋକଙ୍କୁ ତାଙ୍କର ଅସାଧାରଣ କୃତିତ୍ୱ, ବ୍ୟକ୍ତିତ୍ୱ ବିଷୟରେ ଜଣାଇ ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛନ୍ତି । ସ୍ଥାନୀୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ତାହାକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିଛନ୍ତି । "ମନ୍ କି ବାତ୍" କାର୍ଯ୍ୟକ୍ରମ ୧୪୦ କୋଟି ଜନସାଧାରଣ ମଧ୍ୟରେ ଆଜି ଆନ୍ଦୋଳନରେ ପରିଣତ ହୋଇଛି । କାର୍ଯ୍ୟକ୍ରମରେ ବୁଥ୍ ସଭାପତି ଶ୍ରୀ ବୈରାଗୀ ଖଟେଇ, ଶକ୍ତିକେନ୍ଦ୍ର ସଭାପତି ସୁଦର୍ଶନ ଜେନା, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସମ୍ପାଦିକା ଝିଲି ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ଶାରଦା ପ୍ରସାଦ ଶତପଥୀ ଉପସ୍ଥିତ ଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଇଂଟର୍ନସିପ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୯ (ମହାଭାରତ): ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଇଂଟର୍ନସିପ୍ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ର ଛାତ୍ରଛାତ୍ରୀମାନେ ହାସଲ କରିଥିବା ଅଭିଜ୍ଞତା ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅନୁଭୂତି ଉପସ୍ଥାପନ କରିଛନ୍ତି। ସୋମବାର ଅପରାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏହି ଉପସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ-ସହ-ଆଲୋଚନା ଚକ୍ରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନେ ଏସଆଇଆର କାର୍ଯ୍ୟସୂଚୀ ସମୟରେ କ୍ଷେତ୍ରସ୍ତରରେ ସମ୍ମୁଖୀନ ହୋଇଥିବା ବାସ୍ତବ ସମସ୍ୟା, ସେମାନଙ୍କର ନିରୀକ୍ଷଣ ଏବଂ ଶିକ୍ଷଣୀୟ ଅନୁଭୂତି ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ତଥ୍ୟ ଆଧାରିତ ବିବରଣୀ ରଖିଥିଲେ।

ଇଂଟର୍ନସିପ୍ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ କ୍ଷେତ୍ରସ୍ତରରେ ସେମାନଙ୍କର ଅନୁଭୂତି, କାର୍ଯ୍ୟପଦ୍ଧତି ଏବଂ ହାସଲ କରିଥିବା ଶିକ୍ଷଣୀୟ ଅନୁଭବକୁ ଛାତ୍ରଛାତ୍ରୀମାନେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଏହି ଉପସ୍ଥାପନା ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ତୃଣମୂଳ ସ୍ତରରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ନିଜ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିବାର ସୁଯୋଗ ଦେଇଥିଲା। ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ, କ୍ଷେତ୍ରସ୍ତରର କାର୍ଯ୍ୟକଳାପ ଏବଂ ଏହି ପ୍ରକ୍ରିୟାରେ ସେମାନେ ପାଇଥିବା ଜ୍ଞାନ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଳନ ଛାତ୍ରଛାତ୍ରୀମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଓ ସକ୍ରିୟ ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ସୁଗମ କରିବାରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରସ୍ତାବଗୁଡ଼ିକୁ ସୀକୃତି ଦେଇଥିଲେ। ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଟର୍ନ ଛାତ୍ରଛାତ୍ରୀଙ୍କ ସମେତ ଅତିରିକ୍ତ ସି ଇ ଓ ସୁଶାନ୍ତ କୁମାର ମିଶ୍ର,ବିତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ ଡ଼େପୁଟି ସି ଇ ଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ, ଡ଼େପୁଟି ସିଇଓ ଅନାମିକା ସିଂ, ଡ଼େପୁଟି ସେକ୍ରେଟାରୀ ଦିନମଣି ନାଏକ ଉପସ୍ଥିତ ଥିଲେ।

## ବେଦାନ୍ତ ସୌରଚାଳିତ ଜଳ ପ୍ରକଳ୍ପର ସମ୍ପ୍ରସାରଣ

ଭୁବନେଶ୍ୱର,୬।୯ (ମହାଭାରତ): ଯେଉଁ ସମୁଦାୟ ଗୁଡ଼ିକ ପାଇଁ ପାନୀୟ ଜଳର ଅଭାବ ଦୀର୍ଘ ଦିନରୁ ଏକ ନିତିଦିନିଆ ଆହ୍ୱାନ ହୋଇ ରହିଥିଲା ସେଠାରେ ପାଣିର ଏକ ନିର୍ଭରଯୋଗ୍ୟ ଉତ୍ସ ପାଇବା ଦୈନନ୍ଦିନ ଜୀବନର ଶୈଳୀକୁ ବଦଳାଇ ଦେଇଛି । ନାଡ଼ିଦିହି, ରେଙ୍ଗାଲବେଡ଼ା ଓ ଭଞ୍ଜପାଲିରେ ଭାରତ ଓ ଆଫ୍ରିକାର ପ୍ରମୁଖ ଲୁହା ଓ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର ଏକ ସୌର ଚାଳିତ ଜଳ ପ୍ରକଳ୍ପ ଏବେ ୧,୦୦୦ରୁ ଅଧିକ ଗ୍ରାମବାସୀଙ୍କୁ ନିର୍ଭରଯୋଗ୍ୟ ଜଳ ସୁବିଧା ଯୋଗାଇ ଦେଉଛି । ଏହି ସମୁଦାୟଗୁଡ଼ିକୁ ସେବା ଯୋଗାଉଥିବା କାର୍ଯ୍ୟକ୍ଷମ ଭିତିଭୂମିକୁ ଆଗକୁ ବଢ଼ାଇ, ଭିଆଇଏସଏଲ୍ ଏହାର ଆଇରନ୍ ଓର ଓଡ଼ିଶା ୟୁନିଟ୍ ମାଧ୍ୟମରେ ଚଳିତ ବର୍ଷ ଆଉ ତିନିଟି ସୌର ଚାଳିତ ନଳକୂପ ସ୍ଥାପନ କରିବାକୁ ପ୍ରସ୍ତୁତ ଯାହା ଦ୍ୱାରା ପ୍ରାୟ ୧,୦୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି । କମ୍ପାନିର ସିଏସଆର ପ୍ରକଳ୍ପ "ନିର୍ମଳ' ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ତିନିଟି ଗ୍ରାମରେ ୫ଟି ସୌରଚାଳିତ ନଳକୂପ ଓ ୨୬ଟି ଜଳ ଷ୍ଟାଣ୍ଡପୋଷ୍ଟ ସ୍ଥାପନ କରାଯାଇଥିଲା । ଏହି ଭିତିଭୂମି ଏକ ନିର୍ଭରଯୋଗ୍ୟ ଓ ସ୍ଥାୟୀ ସମାଧାନ ମାଧ୍ୟମରେ ଜଳ ସଙ୍କଟର ଆହ୍ୱାନକୁ ସମାଧାନ କରି ଏହି ଦୁର୍ଗମ ଅଂଚଳଗୁଡ଼ିକରେ ଗ୍ରାମବାସୀଙ୍କ ଦୈନନ୍ଦିନ ସଂଘର୍ଷକୁ ଯଥେଷ୍ଟ କମ୍ କରିବାରେ ଯୋଗଦାନ ଦେଇଛି । ଏହି ଅଭିଯାନ ସମ୍ପର୍କରେ ଭିଆଇଏସଏଲ୍-ଆଇଓଓର ଡେପୁଟି ସିଇଓ ବିଶ୍ୱନାଥ ସାହୁ କହିଛନ୍ତି ଯେ, "ଜଳର ନିର୍ଭରଯୋଗ୍ୟ ସୁବିଧା ଏକ ସମୁଦାୟର କଲ୍ୟାଣ ଓ ମର୍ଯ୍ୟାଦା ପାଇଁ ମୌଳିକ ଅଟେ । ଆମର ସୌର ଚାଳିତ ଜଳ ଭିତିଭୂମିର କ୍ରମାଗତ ବ୍ୟବହାର ଏବଂ ଏହାର ଯୋଜନାବଦ୍ଧ ସମ୍ପ୍ରସାରଣ ଶେଷରେ ତିନିଟି ଗ୍ରାମର ୨୦୦୦ରୁ ଅଧିକ ଗ୍ରାମବାସୀଙ୍କୁ ଉପକୃତ କରିବ । ଆମେ ଗ୍ରାମବାସୀଙ୍କ ସହ ମିଶି ସେହି ଆବଶ୍ୟକତାଗୁଡ଼ିକୁ ଚିହ୍ନଟ ଓ ସମାଧାନ କରିବା ପାଇଁ କାର୍ଯ୍ୟ ଜାରି ରଖିବୁ ଯାହା ସ୍ଥାୟୀ ପ୍ରଭାବ ସୃଷ୍ଟି କରିପାରିବ ଏବଂ ସମଗ୍ର ପ୍ରଗତିକୁ ପ୍ରୋତ୍ସାହିତ କରିବା ପାଇଁ ଅର୍ଥପୂର୍ଣ୍ଣ ଭାବରେ ' ସମାଜକୁ ଫେରାଇ" ଦେଇପାରିବ ।' ଏହି ପ୍ରକଳ୍ପ କେବଳ ଜଳର ଉତ୍ସ ସୃଷ୍ଟି କରିବାରେ ସୀମିତ ନୁହେଁ । ସୌର ଶକ୍ତି ଦ୍ୱାରା ନଳକୂପଗୁଡ଼ିକୁ ସଂଚାଳିତ କରି ଏହି ଅଭିଯାନ ଅତ୍ୟାବଶ୍ୟକ ସାମୁଦାୟିକ ଭିତିଭୂମି ମଧ୍ୟକୁ ଅକ୍ଷୟ ଶକ୍ତି ଆଣିଛି ଯାହା ପାରମ୍ପରିକ ବିଦ୍ୟୁତ୍ ଉପରେ ନିର୍ଭରଶୀଳତା କମାଇବାରେ ସାହାଯ୍ୟ କରୁଛି ।

## ଧାନ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଉ

ଭୁବନେଶ୍ୱର,୬।୯ (ମହାଭାରତ): ରାଜ୍ୟରେ ଖରିଫ ଧାନ ପଞ୍ଜୀକରଣ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ବିଳମ୍ବକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଚଳିତ ବର୍ଷ ଖରିଫ ଧାନ ପଞ୍ଜୀକରଣ ନିର୍ଦ୍ଧାରିତ ସମୟ ଠାରୁ ୧୮ ଦିନ ବିଳମ୍ବରେ ଆରମ୍ଭ ହୋଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଉପସଭାପତି ଶ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ରାଜ୍ୟର ୨୦ଟି ଜିଲ୍ଲା ବର୍ଷା ଓ ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ପ୍ରତ୍ୟେକ ନଦୀରେ ୨ରୁ ୩ଥର ବନ୍ୟା ଆସିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଗତବର୍ଷ ୨୩ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକୃତ କରିପାରିଛନ୍ତି । ଏବେ ବି ପ୍ରାୟ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଶେଷ ଅବଧିକୁ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଜେଡି ଦାବି କରିଛି ।



ଶ୍ରୀ ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି ଯେ, ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆପ୍ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ । ସରକାର ଯେଉଁ ଆପ୍ ଦେଇଛନ୍ତି, ତାହା ଦ୍ୱାରା ଲକ୍ଷାଧିକ ଭାଗ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି । ରିୟଲ ଟାଇମ ବେସିସରେ ଜମି ମାଲିକ ନିଜେ ସମବାୟ ସମିତିରେ ଉପସ୍ଥିତି ରହି ଇ-କେୱାଇସି କରିବା ପାଇଁ ସଫ୍ଟୱେୟାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଭାଗଚାଷୀ ପୋର୍ଟାଲରେ ପଞ୍ଜୀକରଣ କରି କେମିତି ଧାନ ବିକ୍ରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି । ଏହା ସହିତ ସରକାର ଆଣିଥିବା 'କଲମ-୨' ସଂଶୋଧନକୁ ଏକ 'କଳା ଆଇନ' ଆଖ୍ୟା ଦେଇ ସେ କହିଛନ୍ତି ଯେ, ଏକାସମୟରେ ଏହି ସଂଶୋଧନ କରିବାକୁ ଯାଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଥମେ ଚକବନ୍ଦୀ କାର୍ଯ୍ୟ ଶେଷ କରାଯାଉ, ତା'ପରେ ଗ୍ରହଣଯୋଗ୍ୟ ଢଙ୍ଗରେ କଲମ-୨ ସଂଶୋଧନ କରାଯାଉ । ଶ୍ରୀ ଦାସବର୍ମା ଆହୁରି କହିଛନ୍ତି ଯେ, ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର ଚାଷୀଙ୍କୁ ପଞ୍ଜୀକରଣ ପାଇଁ ୪ ମାସ ସମୟ ଦେଉଥିଦବା ବେଳେ ଓଡ଼ିଶାରେ କାହିଁକି ମାତ୍ର ମାସେ ସମୟ ଦିଆଯାଉଛି ? ଓଡ଼ିଶା ଚାଷୀଙ୍କ ପ୍ରତି ଏଭଳି ପାତରଅନ୍ତର ମନୋଭାବ ଗ୍ରହଣଯୋଗ୍ୟ ନୁହେଁ । ପଞ୍ଜୀକରଣ ଠାରୁ ଆରମ୍ଭ କରି ଟୋକନ ଅବ୍ୟବସ୍ଥା, ମଣ୍ଡି ଅବ୍ୟବସ୍ଥା, ମିଲର ସମସ୍ୟା ଏବଂ ପ୍ରାପ୍ୟ ପ୍ରଦାନରେ ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଚାଷୀ ଆଜି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି । ଯଦି ସରକାର ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ନ କରନ୍ତି, ତେବେ ରାଜ୍ୟର ଚାଷୀକୁଳ ଏହାର ଦୃଢ଼ ଜବାବ ଦେବେ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି ।

# ଇଭିଏମର ଦୁରୁପଯୋଗ

୨୦୧୯ ଲୋକସଭା ନିର୍ବାଚନରେ ଦିଲ୍ଲୀର ସମସ୍ତ ୭ଟି ଆସନରେ ଆମ ଆଦମୀ ପାର୍ଟୀ ପରାଜିତ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏଥିପାଇଁ ଇଭିଏମକୁ ଦାୟୀ କଲେ। କିନ୍ତୁ ଯଦି ବିଜେପି ଇଭିଏମ ମାଧ୍ୟମରେ ଲୋକସଭା ନିର୍ବାଚନ ଜିତିଲା ତେବେ ପରବର୍ତ୍ତୀ ବିଧାନସଭା ନିର୍ବାଚନରେ କିପରି ହାରିଲା ? ନିକଟରେ ଅନୁଷ୍ଠିତ ତାମିଲନାଡୁ ଓ କେରଳ ବିଧାନସଭା ନିର୍ବାଚନରେ ଅଣ ବିଜେପି ଦଳ ଜିତିଲେ କେମିତି ? ପଶ୍ଚିମବଙ୍ଗରେ ଟିଏମସି ୮୦ଟି ଆସନରେ କିପରି ଜିତିଲା ? ଯଦି ଇଭିଏମର ଦୁରୁପଯୋଗ ହୋଇଥାଆନ୍ତା ତେବେ ବିଜେପି ଆହୁରି ଅଧିକ ସଫଳତା ପାଇପାଇଥାଆନ୍ତା। ତେଣୁ ଇଭିଏମର ଦୁରୁପଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଇଭିଏମ ପ୍ରଚଳନ ବିଜେପି ନୁହେଁ, କଂଗ୍ରେସ ଶାସନ ଅମଳରୁ ଆରମ୍ଭ ହୋଇଥିଲା। ଦ୍ୱିତୀୟରେ ଭାରତର ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ସ୍ୱୟଂଶାସିତ ସଂସ୍ଥା। ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହା ପରିଚାଳିତ ନୁହେଁ। କମିଶନରେ ଏକାଧିକ ସଦସ୍ୟ ଅଛନ୍ତି। ନିର୍ବାଚନ ପରିଚାଳନାରେ ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ନିୟୋଜିତ ହେଉଛନ୍ତି। ରାଜ୍ୟରେ ପ୍ରଶାସନ କେନ୍ଦ୍ର ନୁହେଁ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ୨୦୧୭ରେ ୟୁପି ବିଧାନସଭା ନିର୍ବାଚନରେ ବିଜେପି ବିପୁଳ ବିଜୟ ହାସଲ କରିବା ପରେ ସମାଜବାଦୀ ପାର୍ଟୀ ଓ ବିଏସପି ନିଜ ପରାଜୟ ନିମନ୍ତେ ଇଭିଏମକୁ ଦୋଷ ଦେଲେ। କିନ୍ତୁ ସେତେବେଳେ ରାଜ୍ୟରେ ସମାଜବାଦୀ ପାର୍ଟୀ କ୍ଷମତାରେ ଥିଲା ଏବଂ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ପଦରେ ଥିଲେ। ତେଣୁ ସେଠାରେ ଇଭି,ମର ଦୁରୁପଯୋଗ କିପରି ସମ୍ଭବ ହେଲା ? ୨୦୦୯ରେ ରାଜ୍ୟରେ ବିଜେପି ଓଡ଼ିଶାରେ ପରାଜିତ ହେବା ପରେ ଏହାକୁ ଜନାଦେଶ ନୁହେଁ ଯନ୍ତ୍ରାଦେଶ ବୋଲି କହିଥିଲା। କିନ୍ତୁ ସେହି ବିଜେପି ଅନ୍ୟ ରାଜ୍ୟରେ ଇଭିଏମର ଦୁରୁପଯୋଗ ଅଭିଯୋଗକୁ ଖଣ୍ଡନ କରୁଛି। ନିର୍ବାଚନରେ ଇଭିଏମ ବ୍ୟବହାରର ଅନେକ ଭଲ ଦିଗ ରହିଛି। ଏହା ଦ୍ୱାରା ଭୋଟ ଗଣତି ଶୀଘ୍ର ହେଉଛି ଏବଂ ଫଳାଫଳ ଜାଣିବାକୁ ଆଉ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁନି। ଆଉ ସବୁଠାରୁ ବଡ଼ କଥା ହେଲା ଇଭିଏମ ଦ୍ୱାରା ଭୋଟ ନାକଚ ହେଉନି। ଇଭିଏମର ଦୁରୁପଯୋଗ ଓ ଜାଲିଆତି ଅଭିଯୋଗ ଆସିବା ପରେ ଏବେ ନିର୍ବାଚନରେ ଭିଭିପାଟ ବ୍ୟବହାର ମଧ୍ୟ ହେଉଛି। ଜଣେ ଭୋଟର ଇଭିଏମରେ ଭୋଟ ଦେବା ପରେ ସେ କାହାକୁ ଭୋଟ ଦେଇଛି ତାହାର ପ୍ରମାଣ ସ୍ୱରୂପ ଏକ କାଗଜ ଭିଭିପାଟରୁ ବାହାରୁଛି। ଏହାକୁ ଏକ ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବାକୁ ପଡୁଛି ଯାହା ସଠିକ ଭୋଟର ପ୍ରମାଣ ରୂପେ ମହଯୁଦ ରହୁଛି। ବିଗତ ଦିନରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବାଲଟ ପେପର ବ୍ୟବହାର ହେତୁ ଅନେକ ସ୍ଥାନରେ ବହୁ ଭୋଟ ନାକଚ ହୋଇଛି। ଏପରିକି କେତେକ ସ୍ଥାନରେ ବିଜୟୀ ପ୍ରାର୍ଥୀ ଏତେ କମ ଭୋଟ ବ୍ୟବଧାନରେ ଜିତିଛନ୍ତି ଯାହା ନାକଚ ଭୋଟ ସଂଖ୍ୟାଠାରୁ କମ। ହୁଏତ ଏସବୁ ଭୋଟ ନାକଚ ହୋଇନଥିଲେ ଫଳାଫଳ ଭିନ୍ନ ହୋଇଥାନ୍ତା। ତା ଛଡ଼ା ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ତିନିଦିନ ଚାଲିଲା। ଲୋକଙ୍କୁ ଫଳାଫଳ ଜାଣିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଏହା ନିହାତି ବିରକ୍ତିକର। ଅନେକ ସ୍ଥାନରେ ଭୋଟ ଗଣତି ପରେ ଉତ୍ତେଜନା ସୃଷ୍ଟି ହେଲା। କାରଣ ପରାଜିତ ପ୍ରାର୍ଥୀ ଗଣତିରେ ଜାଲିଆତି ଓ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ଆଣିଲେ। ଯଦି ସେଠାରେ ଇଭିଏମ ବ୍ୟବହାର ହୋଇଥାନ୍ତା ତେବେ ହୁଏତ ଏଭଳି ଅଭିଯୋଗର ସୁଯୋଗ ନଥାନ୍ତା। ତେଣୁ ସବୁ ସ୍ତରରେ ନିର୍ବାଚନରେ ଇଭିଏମ ବ୍ୟବହାରର ଆବଶ୍ୟକତା ରହିଛି ଏବଂ ଏହାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଅନୁଚିତ। ଏଥିନେଇ ବ୍ୟାପକ ସହମତିର ଆବଶ୍ୟକତା ରହିଛି। ଇଭିଏମ ତୁଳନାରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ମଧ୍ୟ ଅଧିକ ବ୍ୟୟ ବହୁଳ ଏବଂ ଏଥିରେ ବିପଦ ଆଶଙ୍କା ମଧ୍ୟ ରହିଛି।

# ଓଡ଼ିଶାର ଅର୍ଥନୀତି ବିକାଶର ରେଡ଼ କାର୍ପେଟ

**॥ ବିପିନ ବିହାରୀ ରାଉତ ॥**

**ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ।**

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି। ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା। ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ। ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା। ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ। ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ। ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି। ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ। ତଳୁଆ ରାଜ୍ୟରୁ ଲମ୍ବା ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଗଭର। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି। ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର। ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି। ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ। ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ। ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ। ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି। ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ। ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି। ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯିବ। ବିଜୁ ଇକୋନୋମି କରିଡରକୁ ଏହି ପଲିସିରେ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯାଇଛି। ନୂଆ ନୀତି ଅନୁସାରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ନିବେଶକଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାୟୋରିଟି ସେକ୍ଟର ପୁଞ୍ଜି ନିବେଶ ଉପରେ ୨୦% ଏବଂ ଥ୍ରଷ୍ଟ ସେକ୍ଟର କ୍ଷେତ୍ରରେ ୩୦% ସବସିଡି ଯୋଗାଇ ଦେବେ ରାଜ୍ୟ ସରକାର।

ଷ୍ଟାର୍ଟଅପ୍ ଓଡ଼ିଶା : ରାଜ୍ୟକୁ ଷ୍ଟାର୍ଟଅପର ପ୍ରମୁଖ ହବ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଏବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ର୍ୟାଙ୍କ ହାସଲ କରିଛି। ଗତ ପାଞ୍ଚ ବର୍ଷ ହେବ ଷ୍ଟାର୍ଟଅପ୍ ଇନକ୍ୟୁବେଟରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି।

ରପ୍ତାନୀ ନୀତି : ମେକ ଇନ୍ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ରପ୍ତାନି ନୀତି ୨୦୨୨ ଉନ୍ମୋଚନ କରାଯାଇଛି। ୨୦୧୪ରେ ଶେଷ ଥର ପାଇଁ ରାଜ୍ୟ ସରକାର ରପ୍ତାନି ନୀତି ଆଣିଥିଲେ। ଏଥିରେ ସଂଶୋଧନ କରାଯିବା ସହ ରପ୍ତାନିକାରୀଙ୍କୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏକାଠି ଶିଳ୍ପ ମୁଖିଆ : ଏଥର ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶରୁ ୧୦୦ରୁ ଉର୍ଦ୍ଧ୍ୱ ଶିଳ୍ପପତି ଯୋଗ ଦେଇଥିଲେ। ପ୍ଲେନାରି ଅଧିବେଶନରେ ମଞ୍ଚରେ ବସିଥିଲେ ୫୦ରୁ ଉର୍ଦ୍ଧ୍ୱ ଶିଳ୍ପ ମୁଖ୍ୟ।

ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ଫୁଡ ପ୍ରୋସେସିଂ ନୀତି ଉନ୍ମୋଚନ କରିଛନ୍ତି। ୨୧ ଜଣ ନିବେଶକ ରାଜ୍ୟରେ ନିବେଶ ଲାଗି ଆଗ୍ରହ ପତ୍ର ଦେଇଛନ୍ତି। ଏହାଦ୍ୱାରା ୧୪୪୩ କୋଟି ଟଙ୍କାର ନିବେଶ ରାଜ୍ୟକୁ ଆସିପାରିବ।

ମହିଳା ସଶକ୍ତିକରଣ : ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଅଣ ସାଲିସ ପ୍ରାଥମିକତା। ଏହା ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ିବା କଷ୍ଟକର। ଏହାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ମିଶନ ଶକ୍ତି ମା' ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ରୋଜଗାର ପାଇପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକରୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ସଂଗ୍ରହ କରିବେ ରାଜ୍ୟ ସରକାର। ଚଳିତ ବର୍ଷ ଏହାକୁ ମିଳିଛି କ୍ୟାବିନେଟ ଅନୁମୋଦନ। ଜିଲ୍ଲା ସ୍ତରରେ ଥିବା ଏସଏଚଜି ଫେଡେରେସନ ଗୁଡ଼ିକୁ ୧ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଯୋଗାଇ ଦେବା ନେଇ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ସ୍ତରୀୟ ଫେଡେରେସନକୁ ୫୦ଲକ୍ଷ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଫେଡେରେସନ ପାଇଁ ମାର୍କେଟ କମ୍ପ୍ଲେକ୍ସ ଏବଂ ଅଫିସ ଘର ଯୋଗାଇବା ବ୍ୟବସ୍ଥା ହେବ। ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମାଇକ୍ରୋ ଏବଂ ମିନି ଶିଳ୍ପ ସ୍ଥାପନ କରିବେ। ମହିଳାମାନେ ଓଡ଼ିଶାର ରୂପାନ୍ତର ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ : ରାଜ୍ୟର ମହିଳାମାନେ ସଶକ୍ତ ହେବେ। ବିକାଶ ସ୍ରୋତରେ ସାମିଲ ହୋଇ ନିଜେ ଅଗ୍ରଗତି କରିବେ ଏବଂ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଏହି କ୍ରମରେ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ୨୦୨୨-୨୩ରେ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମିଶନ ଶକ୍ତି ପାଇଁ ପୃଥକ ବଜେଟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏହି ବିଭାଗ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦୩୯ କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ପାଇଁ କରାଯାଇଥିବା ବ୍ୟୟବରାଦ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ରୋଜଗାର ମିଳିବ।

ତଳୁଆ ରାଜ୍ୟରୁ ଆଗଭର : ଓଡ଼ିଶାରେ ବ୍ୟବସାୟିକ ବାତାବରଣରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ଡିଜିଟାଲିକରଣ ଏବଂ ସ୍ୱଚ୍ଛତା ସହିତ ନିବେଶକଙ୍କ ଆସ୍ଥା ଭାଜନ ହେବାରେ ରାଜ୍ୟ ଏବେ ଆଗୁଆ। ଇ-ଶ୍ରମ ପୋର୍ଟାଲ ଏବଂ ଗୋ-ସ୍ୱିଫ୍ଟ ଭଳି ଅନନ୍ୟ ବ୍ୟବସ୍ଥା ଯୋଗୁ ନିବେଶକଙ୍କ ପାଇଁ ଏହା ପାଲଟିଛି ଅନୁକୂଳ ସ୍ଥଳ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଏ ବର୍ଷ ଉନ୍ମୋଚିତ ହୋଇଥିବା ରିପୋର୍ଟ ଅନୁସାରେ ଓଡ଼ିଶା ଇଜ ଅଫ ଡୁଇଙ୍ଗ ବିଜନେସ ର୍ୟାଙ୍କିଙ୍ଗରେ ଛଅଟି ଆଗଭର ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

# ଭଗବତୀ ଭାରତୀ ଦେବୀ ନମସ୍ତେ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆସୁଛି ସରସ୍ୱତୀ ପୂଜା। ଶିକ୍ଷାର୍ଥୀମାନେ ଏହି ପୂଜାକୁ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାନ୍ତି। ମା'ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ। ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇ ଉଠିଥାନ୍ତି ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୂରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଲେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରିନଥାନ୍ତି। ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ। ଯାହାକୁ କୁହାଯାଏ ଆଶୀର୍ବଚନ। ଆମର ବିଶ୍ୱାସ ଅଛି ଯେ ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜରସ୍ୱାର୍ଥ ହାସଲ ଲାଗି ହଇରାଣହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ। ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି। ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା'ସରସ୍ୱତୀ। ଏଣୁ ମା'କଳା ନିପୁଣା। ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା'ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ସାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ। ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା'ସାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି। ମା' ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୂଲ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି।

ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା'ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ ? ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ମା'ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ମା'ଙ୍କର କୋଳରେ ପୂଜାପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି। ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି। ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ'।

ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଡାକୋଟା ବିମାନ : ଏକ ଅନନ୍ୟ ଅନୁଭବ

**॥ ଶ୍ୟାମ ସୁନ୍ଦର ସାମଲ ॥**

ପ୍ରବାଦ ପୁରୁଷ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା ଡାକୋଟା ବିମାନ ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛି। ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁଭାଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିବା ପରେ ଶେଷରେ ଏ ସ୍ମୃତି ସନ୍ତକଟିକୁ ଓଡ଼ିଶା ଅଣାଯାଇଛି। ଏ ବିମାନରେ ବିଜୁ ପଟ୍ଟନାୟକ ଅନେକ ଦୁଃସାହସିକ ଉଡାଣ କରିଛନ୍ତି। ଏହା ମଧ୍ୟରେ ସବୁଠୁ ଶ୍ରେଷ୍ଠ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଡଚମାନଙ୍କ କବଳରୁ ମୁକ୍ତ କରି ଭାରତ ଉଡାଇ ଆଣିବା। ୧୯୪୭ ମସିହା ଜୁଲାଇ ମାସରେ ଇଣ୍ଡୋନେସିଆର ତତ୍କାଳୀନ ସୁଲତାନ ଶାଜାହିର ଓ ଉପରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁବାବୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଏହି ଡାକୋଟା ବିମାନରେ। ଏହି ଅଭିଯାନରେ ବିଜୁ ବାବୁଙ୍କ ସହିତ କେବଳ ଜଣେ ସହ ପାଇଲଟ ଥିଲେ। ସେ ହେଉଛନ୍ତି ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ବିଜୁବାବୁ ଅନେକ ଇଂରେଜଙ୍କ ଜୀବନ ରକ୍ଷା କରିଥିଲେ। ଦୁର୍ଭାଗ୍ୟର କଥା ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ଗୁପ୍ତ ସମ୍ପର୍କ ଖବର ପାଇଁ ବ୍ରିଟିଶ ସରକାର ତାଙ୍କୁ ୧୧୪୩, ଜାନୁଆରୀ ୧୨ ତାରିଖରେ ଗିରଫ କରିଥିଲେ। ଜେଲରୁ ମୁକ୍ତ ହେବା ପରେ ସେ ନିଜ ଉଦ୍ୟମରେ କଳିଙ୍ଗ ଏୟାରୱେଜ ସହିତ ଭୁବନେଶ୍ୱରରେ ଏକ ପାଇଲଟ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଥିଲେ।

ଡାକୋଟା ସହିତ ବିଜୁ ବାବୁଙ୍କର ଅନେକ ସ୍ମୃତି ଜଡ଼ିତ ରହିଛି। ସ୍ୱାଧୀନତା ସଂଗ୍ରାମର ଅନେକ କାହାଣୀର ମୂକସାକ୍ଷୀ ଏହି ବିମାନ। ତେଣୁ ଏଭଳି ଏକ ସ୍ମୃତି ବିଜଡ଼ିତ ସ୍ମାରକୀ ଆମ ରାଜ୍ୟକୁ ଫେରି ଆସିବାରେ ସମସ୍ତଙ୍କ ଭିତରେ ଏକ ଖୁସିର ଲହରି ଖେଳିଯାଇଛି। ଯୁବ ବର୍ଗ ଏବଂ ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଏ ବିମାନ ଏବଂ ବିଜୁବାବୁଙ୍କ ଦୁଃସାହସିକ କାହାଣୀକୁ ନେଇ ଉତ୍ସାହ ବଢ଼ିଛି। ଖଣ୍ଡ ଖଣ୍ଡ ହୋଇ ଆସିଥିବା ଏ ବିମାନଟିକୁ ପୁଣିଥରେ ଯୋଡ଼ା ଯାଇ ଭୁବନେଶ୍ୱର ବିମାନ ବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ। ଏଥିପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ୧.୧ ଏକର ଜମି ଯୋଗାଇ ଦେଇଛନ୍ତି। ଏଠାରେ ନୂଆ ରୂପରେ ଦେଖିବାକୁ ମିଳିବ ଡାକୋଟା ବିମାନକୁ। ଆସନ୍ତା ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ ବୋଲି ଜଣାଯାଇଛି।

ଏ ଅବସରରେ ସରକାରଙ୍କୁ ଏକ ପରାମର୍ଶ - ଆଗାମୀ ପିଢ଼ିଙ୍କୁ ଉଦବୁଦ୍ଧ କରିବା ପାଇଁ ବିଜୁବାବୁଙ୍କ ପାଇଲଟ ଜୀବନ ଏବଂ ସ୍ୱାଧୀନତା ସଂଗ୍ରାମରେ ଡାକୋଟାର ସହଯୋଗ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ଯଦି



କରାଯାଇ ପାରନ୍ତା ଏହା ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଉପାଦେୟ ହୋଇପାରନ୍ତା। ୧୯୩୦ ଦଶକରେ ଓଡ଼ିଶାର ଜଣେ ଯୁବକ ରେଭେନ୍ସା ମହାବିଦ୍ୟାଳୟରେ ବିଏସସି ପଢୁଥିବା ବେଳେ ପାଇଲଟ ହେବାର ଆଗ୍ରହରେ ପାଠପଢ଼ା ଛାଡ଼ି ୧୯୩୬ ମସିହାରେ ପାଇଲଟ ଟ୍ରେନିଂ ନେଇ ଇଂରେଜ ସରକାରଙ୍କ ଇଣ୍ଡିଆନ ନ୍ୟାସନାଲ ଏୟାର ୱେଜରେ ପାଇଲଟ ରୂପେ ଯୋଗଦେବା ଏକ କାହାଣୀ ଭଳି ଲାଗିପାରେ ଆଜିର ଯୁବପିଢ଼ିଙ୍କୁ। ତେଣୁ ଏସବୁ ସ୍ମୃତି ଏବଂ ତଥ୍ୟକୁ ସାଇତି ରଖିବା ପାଇଁ ଡାକୋଟା ବିମାନ ଭିତରେ ବସି ଦର୍ଶକ ଦେଖି ପାରନ୍ତେ ଏହା ଏକ ଅନନ୍ୟ ଅନୁଭବ ହୋଇପାରନ୍ତା ସେମାନଙ୍କ ପାଇଁ। ସରକାର ଏ ଦିଗରେ ଚିନ୍ତା କରିବେ ବୋଲି ଆଶା।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧନା



ପାରାଦୀପ, (ମହାଭାରତ) : ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ଏକ ଭାବବିହ୍ୱଳ ପରିବେଶରେ ଶନିବାର ଦିନ ଗୁରୁ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷରେ ଅବସର ଗ୍ରହଣ କରିବାକୁ ଥିବା ଜଣାଶୁଣା ଶିକ୍ଷକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି ଗୁରୁ ମାନଙ୍କ ଜୀବନବ୍ୟାପୀ ସାଧନା, ମାର୍ଗଦର୍ଶନ ଏବଂ ଅମୂଲ୍ୟ ଅବଦାନ ପ୍ରତି ଏକ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଥିଲା । ଏହି ସମାରୋହରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ସମାଜ ଏବଂ ଶିକ୍ଷା କ୍ଷେତ୍ର ପ୍ରତି ଏହି ଶିକ୍ଷକମାନଙ୍କ ଗଭୀର ପ୍ରଭାବ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କୃତଜ୍ଞତା ଓ ସମ୍ମାନର ଏକ ମର୍ମସ୍ପର୍ଶୀ ପରିବେଶରେ ରୋଟାରୀ କ୍ଲବ୍ ପକ୍ଷରୁ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ, ଜାନକୀ ପ୍ରସନ୍ନ ସ୍ୱାଇଁ, ଭ୍ରମରବର ପ୍ରଧାନ, ଗୌରମୋହନ ବେହେରା, ବୈଷ୍ଣବ ଚରଣ ପାଇଟାଳ, ବିନୋଦିନୀ ମହାନ୍ତି ଏବଂ ମୀରାଙ୍ଗିନୀ ଦେଇ ପ୍ରମୁଖ ଙ୍କୁ ସେମାନଙ୍କ ଆଦର୍ଶ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ବରଂ ସମାଜର ମୂଳଦୁଆ ଗଠନ କରୁଥିବା ଏକ ପବିତ୍ର ଦାୟିତ୍ୱ ବୋଲି ବକ୍ତାମାନେ ଆଲୋକପାତ କରିଥିଲେ । ଶିକ୍ଷକମାନଙ୍କ ଅଙ୍ଗୀକାରବଦ୍ଧତା ଏବଂ ଧୈର୍ଯ୍ୟକୁ ପ୍ରଶଂସା କରି ସେମାନେ ଦେଇଥିବା ସଂସ୍କାର ପିଢ଼ି ପରେ ପିଢ଼ି ମନରେ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପାରାଦ୍ୱୀପ ରୋଟାରୀ କ୍ଲବ୍ ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ନିର୍ଦ୍ଦେଶକ ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ଡକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ବିପ୍ଳବ କୁମାର ଜେନା, ଦୀପକ କୁମାର ସାରଙ୍ଗୀ, ନିରଞ୍ଜନ ଖୁଣ୍ଟିଆ, ପ୍ରଦୀପ ବୋଷ, ରଞ୍ଜିତ ବୋମାଳି, ଧର୍ମେନ୍ଦ୍ର କୁମାର ପତି ଏବଂ କ୍ଲବ ର ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଶିକ୍ଷା ଓ ଜ୍ଞାନ ଆଲୋକ ବିସ୍ତାର କରିଥିବା ଏହି ମହାନ ଗୁରୁ ମାନଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ ସହ ଏହି ଉତ୍ସବଟି ଶେଷ ହୋଇଥିଲା ।

## ସ୍କର୍ପିଓ ପଛରେ ପିଟିଲା ବାଇକ୍, ଦୁଇ ଆହତ

ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ଦି ଓ୍ୱାଲ୍ଡ ହୋଟେଲ ନିକଟ ରାସ୍ତାରେ ଯାଉଥିବା ଏକ ସ୍କର୍ପିଓ ଗାଡ଼ି ପଛରେ ପିଟି ହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଆହତ ହୋଇଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁଯାୟୀ,ରବିବାର ସନ୍ଧ୍ୟା ପ୍ରାୟ ୪.୦୦ ବେଳେ ବଡ଼ବିଲ ଆଡୁ ବାଇକ୍ ନଂ ଓ ଡି ୦୯ କ୍ୟୁ ୮୪୯୩ ଯୋଗେ ଦୁଇଜଣ ଯୁବକ ଭଦ୍ରାସାହି ଅଭିମୁଖେ ଆସୁଥିଲେ । ଉକ୍ତ ସ୍ଥାନରେ ଆଗରେ ଯାଉଥିବା ସ୍କର୍ପିଓ ଗାଡ଼ି ଟି ବ୍ରେକ ମାରିବାରୁ ବାଇକ୍ ଟି ସ୍କର୍ପିଓ ପଛ ପଟେ ପିଟି ହୋଇ ଥିଲା ।ଫଳରେ ବାଇକ୍ ରେ ବସିଥିବା ଦୁଇ ଜଣ ଯୁବକ ତଳେ ପଡ଼ି ଯାଇଥିଲେ ।ଆହତ ଅବସ୍ଥାରେ ସେମାନଙ୍କୁ ବଡ଼ବିଲ ଡାକ୍ତର ଖାନା କୁ ନିଆ ଯାଇଥିଲା ।ଆହତ ଯୁବକ ମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ଇନ୍ଦୁପୁର ଅଞ୍ଚଳର ସ୍ୱରୂପ ପତି(୨୯) ଓ ସଞ୍ଜୟ ନାଏକ (୨୯) ବୋଲି ଜଣାପଡ଼ିଛି । ଘଟଣାସ୍ଥଳ ରେ ପୋଲିସ ପହଞ୍ଚି ଘଟଣା ର ତଦନ୍ତ ଆରମ୍ଭ କରିଛି ।

## ଗୁରୁ ଦିବସରେ ସମ୍ବର୍ଦ୍ଧିତ ହେଲେ ଡାକ୍ତରୀ ଛାତ୍ର



ବ୍ରହ୍ମଗିରି, (ମହାଭାରତ): ବ୍ରହ୍ମଗିରିର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଧୁମଧାମରେ ପାଳିତ ହୋଇଛି ଗୁରୁଦିବସ । ଏହି ଦିବସରେ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ସର୍ବଭାରତ ସ୍ତରରେ ୩୦୧୭୯ ରେଙ୍କ ରଖି ଏମ.କେ.ସି.ଜି ମେଡ଼ିକାଲ କଲେଜ ବ୍ରହ୍ମପୁର ରେ ନାମ ଲେଖିଥିବା ଡାକ୍ତରୀ ଛାତ୍ର ଉତ୍ତମ ରାଉତଙ୍କୁ ସମ୍ବର୍ଦ୍ଧିତ କରିଛି ଭାରତମାତା ଶିକ୍ଷା କେନ୍ଦ୍ର । ଉତ୍ତମ ରାଉତ ଏହି ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ । ଦଶମ ରେ ପାଠ ପଢୁଥିବାବେଳେ ଉତ୍ତମଙ୍କର ଚରିତ୍ର ଓ ଆଚାର ବ୍ୟବହାର ଶିକ୍ଷକ ମାନଙ୍କୁ ଆକର୍ଷିତ କରିଥିଲା । ଭବିଷ୍ୟତରେ ଡ଼ାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଉତ୍ତମ ଶେଷରେ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିଲେ । ଆଜିର ପବିତ୍ର ଦିବସରେ ଭାରତ ମାତା ଶିକ୍ଷା କେନ୍ଦ୍ର ନିଜ ଅନୁଷ୍ଠାନର ଗର୍ବ ଓ ଗୌରବ ତଥା ଭବିଷ୍ୟତର ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିଛି । ଏହି ଉତ୍ସବରେ ଶିକ୍ଷାବିତ୍ ଅକୁର ପ୍ରଧାନ, ବିହାରୀବନ୍ଧୁ ସାହୁ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଜେନା, ତତ୍ତ୍ୱ କବି ବିଭୁଦତ୍ତ ଭିକାରି ଚରଣ ଜେନା, କରୁଣାକର ପ୍ରଧାନ,, ଅର୍ଜୁନ ପରିଡା, ଅମ୍ବୁଜ ପ୍ରଧାନ, ଆଶୁତୋଷ ନାୟକ,ବଳଭଦ୍ର ପଳାଇ, ଖୁସି ପ୍ରଧାନ ଓ ବିମ୍ବାଧର ଜେନା ଉପସ୍ଥିତ ଥିଲେ ।

## ଅବକାରୀ ବିଭାଗର ଚଢ଼ାଉ, ମଦ ଜବତ; ଜଣେ ଗିରଫ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲି ପୋଚ ନଷ୍ଟ କରାଯାଇଥିବା ବେଳେ ପ୍ରସ୍ତୁତ ମହୁଲି ମଦ ଜବତ କରାଯାଇଛି । ଏହି ଚଢ଼ାଉରେ ମୋଟ ୯୧୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଥିବା ବେଳେ ୩୦୦ ଲିଟର ମହୁଲି ମଦ ଜବତ ହୋଇଛି । ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରି ମାମଲା ରୁଜୁ କରିଛି । ମିଳିଥିବା ସୂଚନା ଅନୁଯାୟୀ, ପଡ଼ିଆବେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆମ୍ବବେଡ଼ା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ପ୍ରଥମେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଗ୍ରାମର ଲକ୍ଷ୍ମଣ ମାଝୀ (୩୩) ମହୁଲି ମଦ ପ୍ରସ୍ତୁତ କରୁଥିବା ଅଭିଯୋଗରେ ଧରାପଡ଼ିଥିଲେ । ତାଙ୍କ ନିକଟରୁ ୧୮୦୦ ଲିଟର ମହୁଲି ପୋଚ ନଷ୍ଟ କରାଯିବା ସହ ୩୦ ଲିଟର ପ୍ରସ୍ତୁତ ମହୁଲି ମଦ ଜବତ କରାଯାଇଥିଲା । ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନମ୍ବର ୧୦୩/୨୦୨୬ ରେ ମାମଲା ରୁଜୁ କରାଯାଇ ଲକ୍ଷ୍ମଣ ମାଝୀଙ୍କୁ ଗିରଫ କରାଯାଇଛି ।

# ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଣ୍ଟ ସ୍ଥାପନ

## ପୋତାଶ୍ରୟରେ ୧୬.୫ ମିଟର ଡ୍ରାଫ୍ଟର ପ୍ରଥମ ବୃହତ୍ତକାୟ ଜାହାଜ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ର ପଶ୍ଚିମ ଡକ୍-୧ ରେ ସେପ୍ଟେମ୍ବର ୬ ରବିବାର ସକାଳେ ୧୬.୫ ମିଟର ଡ୍ରାଫ୍ଟ ର ପ୍ରଥମ କେପସାଇଜ୍ (ବୃହତ୍ତକାୟ) ଜାହାଜ, ଏମଭି ମିନେରାଲ୍ କ୍ୱାଙ୍ଗୟାଙ୍ଗକୁ ସଫଳତାର ସହ ବର୍ଥ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ସଫଳତା ପାରାଦୀପ ବନ୍ଦର ର ଡିପ୍-ଡ୍ରାଫ୍ଟ ଏବଂ ବଡ଼ କ୍ଷମତା ବିଶିଷ୍ଟ ବଲ୍କ କ୍ୟାରିଅରଗୁଡ଼ିକୁ ପରିଚାଳନା କରିବା ପାଇଁ ବିସ୍ତାରିତ କ୍ଷମତାରେ ଆଉ ଏକ ପ୍ରମୁଖ ପଦକ୍ଷେପକୁ ଚିତ୍ରିତ କରେ । ଏମଭି ମିନେରାଲ୍ କ୍ୱାଙ୍ଗୟାଙ୍ଗ ହେଉଛି ଏକ କେପସାଇଜ୍ ଜାହାଜ ଯାହାର ସାମଗ୍ରିକ ଲମ୍ବ ୨୯୨ ମିଟର ଏବଂ ଚଉଡା ୪୫ ମିଟର ଏବଂ ଡ୍ରାଫ୍ଟ ବା ଗଭୀରତା ୧୬.୫୦ ମିଟର ରହିଛି । ଏହି




ଜାହାଜ ସେପ୍ଟେମ୍ବର ୫ ତାରିଖରେ ପାରାଦୀପରେ ପହଞ୍ଚିଥିଲା ଏବଂ ସେପ୍ଟେମ୍ବର ୬ ତାରିଖ ସକାଳ ୬ ଟାରେ ପଶ୍ଚିମ ଡକ୍-୧ ରେ ସଫଳତାର ସହ ବର୍ଥ କରାଯାଇଥିଲା । ଏହି ଜାହାଜରେ ନଅଟି ହୋଲ୍ଡରେ ୧୫୨,୭୦୨ ମେଟ୍ରିକ ଟନ୍ କୋକିଂ ବା ଜାଳେଣି କୋଇଲା ରହିଛି ଏବଂ ଏହି ପଣ୍ୟ ଅଷ୍ଟ୍ରେଲିଆର ହେ ପଏଣ୍ଟରୁ ଆସିଛି । ପଶ୍ଚିମ ଡକ୍-୧ ରେ ୧୬.୫ ମିଟର ଡ୍ରାଫ୍ଟ ସହିତ ଏକ କ୍ୟାପସାଇଜ ଜାହାଜର ସଫଳ ବର୍ଥିଂ ପାରାଦୀପ ବନ୍ଦରର ଉନ୍ନତ ଡିପ୍-ଡ୍ରାଫ୍ଟ ଜାହାଜ ପରିଚାଳନା କ୍ଷମତା ଏବଂ ବୃହତ ଏବଂ ଉଚ୍ଚ-କ୍ଷମତା ବିଶିଷ୍ଟ ବଲ୍କ କ୍ୟାରିଅରକୁ ସ୍ଥାପିତ କରିବା ପାଇଁ ଏହାର ପ୍ରସ୍ତୁତିକୁ ପ୍ରଦର୍ଶନ କରେ । ଏହି ମାଇଲଖୁଣ୍ଟ ଉନ୍ନତ ଲଜିଷ୍ଟିକ୍ସ ଦକ୍ଷତା ଏବଂ ପ୍ରମୁଖ ଶିଳ୍ପ ଅଂଶୀଦାରମାନଙ୍କ ପାଇଁ ଜାହାଜ ପରିବର୍ତ୍ତନ ସମୟ ହ୍ରାସ କରିବାରେ ଅବଦାନ ରଖିବ ବୋଲି ଆଶା କରାଯାଉଛି । ଏହି କୀର୍ତ୍ତିମାନ ହାସଲ ପରେ ପାରାଦୀପ ବନ୍ଦର ପ୍ରାଧିକରଣ ର ଟ୍ରାଫିକ୍ ମ୍ୟାନେଜର ରାଜେନ୍ଦ୍ର କୁମାର ଏବଂ ଜିନ୍ଦଲ ପାରାଦୀପ ପୋର୍ଟ ଲିମିଟେଡ୍ (ଜେପିପିଏଲ) ର ଡେପୁଟି ସିଇଓ ସନ୍ଦୀପ ଜୟସ୍ୱାଲଙ୍କ ମଧ୍ୟରେ ଏକ ଶୁଭେଚ୍ଛା ବାର୍ତ୍ତା ଆଦାନପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ, ଏହି ଐତିହାସିକ ସଫଳତା ପାଇଁ ପାରାଦୀପ ବନ୍ଦର ଏବଂ ଜେପିପିଏଲର ସମସ୍ତ କର୍ମଚାରୀ ଓ ଅଧିକାରୀ ଏବଂ ବ୍ୟବହାରକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଡିପ୍-ଡ୍ରାଫ୍ଟ ଜାହାଜକୁ ସଫଳତାର ସହିତ ପରିଚାଳନା କରିବାରେ ସେମାନଙ୍କର ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିଥିଲେ । ତେବେ ଏହି ମାଇଲଖୁଣ୍ଟ ସ୍ଥାପନ ପାରାଦୀପ ବନ୍ଦର ର ଦକ୍ଷ, ନିର୍ଭରଯୋଗ୍ୟ ଏବଂ ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି ଯୋଗାଇବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ସାମୁଦ୍ରିକ ଏବଂ ଶିଳ୍ପ କ୍ଷେତ୍ରର ବିକଶିତ ଆବଶ୍ୟକତା ପୂରଣ କରିବା ପାଇଁ ଏହାର କ୍ଷମତାକୁ ସୁଦୃଢ଼ କରିଛି ।

## ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ



ପାରାଦୀପ, (ମହାଭାରତ) : ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ଶିକ୍ଷାବିତ୍ 'ଭାରତରତ୍ନ' ଡ଼ଃ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ?ଙ୍କ ଜନ୍ମଦିବସ ଅବସରରେ ସେପ୍ଟେମ୍ବର ୫ ତାରିଖରେ ପବିତ୍ର ଗୁରୁ ଦିବସ ସାରା ଦେଶରେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ପାରାଦୀପର ଅଗ୍ରଣୀ 'ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ' ପକ୍ଷରୁ ପାରାଦୀପ ବେଳାଭୂମି ଠାରେ ଶନିବାର ଦିନ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଗୁରୁ ବିଭୁତି ଭୂଷଣ ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଗୁରୁ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଆଲୋକ ମହାପାତ୍ର, ମନୋଜ ମହାନ୍ତି, ପ୍ରତାପ ଚନ୍ଦ୍ର ସାହୁ, ଆଲୋକ ସ୍ୱାଇଁ, ପ୍ରଶାନ୍ତ ରାଉତ, କୃପାସିନ୍ଧୁ ଦାସ, ପ୍ରଭାତ ମହାପାତ୍ର, ଆଲୋକ ଦାସ (ମେଘା), ସୁରେନ୍ଦ୍ର ମହାପାତ୍ର, ସୁନୀଲ ପରିଡା, ଅମୀୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗୁରୁ ପୂଜା କରିଥିଲେ ।

## ରାସ୍ତା ନିର୍ମାଣ ପରେ ବିଧାୟକ ଛବି ମଲ୍ଲିକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ନିଆଳୀ, (ମହାଭାରତ) : କଥା ଦେଇ କଥା ରଖିଲେ ବିଧାୟକ ଦୀର୍ଘ ଦିନର ସମସ୍ୟାର ହେଲା ସମାଧାନ । ନିର୍ମାଣ ହେଲା ପହଙ୍ଗା ବଢ଼େଇସାହି ରୁ ଜୁଆଙ୍ଗ ରାସ୍ତା । ରାସ୍ତା ନିର୍ମାଣ ପରେ ନିଆଳୀ ବିଧାୟକ ଛବି ମଲ୍ଲିକଙ୍କୁ ଦିଆଗଲା ଭବ୍ୟ ସମ୍ବର୍ଦ୍ଧନା । କଟକ ଜିଲ୍ଲା ନିଆଳୀ ବ୍ଲକ ପହଙ୍ଗା ଅଞ୍ଚଳର ବଢ଼େଇସାହିରୁ ଜୁଆଙ୍ଗକୁ ସଂଯୋଗ କରୁଥିବା ରାସ୍ତାକୁ ନେଇ ଦୀର୍ଘ ଦିନ ଧରି ଅଞ୍ଚଳବାସୀଙ୍କ ମଧ୍ୟରେ ସମସ୍ୟା ଲାଗି ରହିଥିଲା ଯାହାକୁ ନେଇ ଯୁବ ସମାଜସେବୀ ରଞ୍ଜନ କୁମାର ଲେଙ୍କା ଙ୍କ ନେତୃତ୍ୱରେ ଜୁଆଙ୍ଗ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକ ଛବି ମଲ୍ଲିକଙ୍କୁ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରାଯାଇଥିଲା । ରାସ୍ତା ନିର୍ମାଣ ନ ହେବାରୁ ବର୍ଷା ଦିନରେ ଯାତାୟାତରେ ଅନେକ ସମସ୍ୟା



ଉପୁଜୁଥିଲା । ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଏବେ ପୂରଣ ହୋଇଛି । ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି । ଏହି ଅବସରରେ ରାସ୍ତା ନିର୍ମାଣ ପାଇଁ ପ୍ରଚେଷ୍ଟା କରିଥିବା ନିଆଳୀ ବିଧାୟକ ଛବି ମଲ୍ଲିକଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଫୁଲମାଳ ଦେଇ ବିଧାୟକଙ୍କୁ ସମ୍ମାନିତ କରିଥିଲେ ଗ୍ରାମବାସୀ । ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଯାତାୟାତ ସୁବିଧା ହେବା ସହ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା ରହିଛି । ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀ ବିଧାୟକ ଛବି ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଅଞ୍ଚଳର ଅନ୍ୟାନ୍ୟ ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

## କୁରୁଣ୍ଟି କୋଠାପାଟଣା ଗ୍ରାମ ମୁରବୀ କୈଳାସ ଚନ୍ଦ୍ର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

ବାରଙ୍ଗ, (ମହାଭାରତ): ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଞ୍ଚାୟତର କୁରୁଣ୍ଟି କୋଠାପାଟଣା ଗ୍ରାମର ବିଶିଷ୍ଟ ମୁରବୀ ସ୍ୱର୍ଗତ କୈଳାସଚନ୍ଦ୍ର ବେହେରାଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗତ ୫ ତାରିଖରେ ତାଙ୍କ କୁରୁଣ୍ଟି କୋଠାପାଟଣାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବେହେରାଙ୍କ ବଡ଼ ପୁଅ ତଥା ବିଜେପିର ବରିଷ୍ଠ ସଂଗଠକ ସୁବାସଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି




ଶ୍ରଦ୍ଧାଞ୍ଜଳି ସଭାରେ ନିଆଳୀ ନିର୍ବାଚନମଣ୍ଡଳୀର ବିଧାୟକ ଛବି ମଲ୍ଲିକଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଯୋଗଦେଇଥିଲେ । ବିଧାୟକ ଶ୍ରୀ ମଲ୍ଲିକ ସ୍ୱର୍ଗତ କୈଳାସଚନ୍ଦ୍ର ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ହରିଅନ୍ତା ପଞ୍ଚାୟତ ପୂର୍ବତନ ସରପଞ୍ଚ ଜୟଦେବ ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରତାପ କେଶରୀ ପାତ୍ର, ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ଗୁରୁ ମହାପାତ୍ର, ଯୁବ ସାମ୍ବାଦିକ ଅନନ୍ତ ଭୋଇ,ବାରଙ୍ଗ ୩୩ ନଂ ଜୋନ୍ ମଣ୍ଡଳ ସଭାପତି ଅଶ୍ୱିନୀ କାଣ୍ଡି, ଆଲୋକ ଗଜେନ୍ଦ୍ର, ପ୍ରଶାନ୍ତ ସାହୁ, ନରେନ୍ଦ୍ର ପାତ୍ର, ବଟକୃଷ୍ଣ ସାହୁ, ବିନୋଦ ବିହାରୀ ଦାସ,ଦିବ୍ୟଜ୍ୟୋତି ସାହୁ ଙ୍କ ସମେତ ଗ୍ରାମର ଜ୍ୟୋତି ପ୍ରକାଶ ବିଶ୍ୱାଳ, ପବିତ୍ର ବେହେରା, ମାନସ ରଞ୍ଜନ ମାଣିଆଙ୍କ ଓ ଅନେକ ଯୁବବର୍ଗ ପ୍ରମୁଖ ଯୋଗଦେଇଥିଲେ । ସମସ୍ତେ ସ୍ୱର୍ଗତ କୈଳାସ ଚନ୍ଦ୍ର ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍ ?ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ବେହେରାଙ୍କ ସାନ ପୁଅମାନେ ପ୍ରକାଶ ବେହେରା, ଶ୍ରୀନିବାସ ବେହେରା, ଅକ୍ଷୟ ବେହେରାଙ୍କ ସମେତ ପୁତୁରା ଅଶୋକ ବେହେରା, ରଞ୍ଜନ ବେହେରା ,ଚନ୍ଦନ ବେହେରା , ପୁତ୍ରବଧୂ , ଓ ନାତିନାତୁଣୀ ଉପସ୍ଥିତ ଥିଲେ । ଏହି ଏକାଦଶାହ ଅବସରରେ 'ନରନାରାୟଣ ଭଜନ ସନ୍ଧ୍ୟା' ପକ୍ଷରୁ ଆଧାତ୍ମିକ ଭଜନ ପରିବେଷଣ କରାଯାଇଥିଲା ।

## ଗୁରୁଦିବସ ଅବସରରେ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ କ୍ୟାପକ୍ୱେଷ୍ଟ-୨୦୨୬

**ଦକ୍ଷତା, ନୈତିକତା, ନବସୃଜନ ଓ ସହଯୋଗୀ ମନୋଭାବ ସହିତ ଦକ୍ଷ ଏବଂ ପେଶାଦାର ବ୍ୟକ୍ତିତ୍ୱ ପାଇଁ ଉତ୍ତମ ଶୈକ୍ଷିକ ବାତାବରଣ ଆବଶ୍ୟକ**

ଖୋର୍ଦ୍ଧା,(ମହାଭାରତ) : ନୂଆ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କୁ କଲେଜ ଶିକ୍ଷା ବ୍ୟବସ୍ଥା, ଶିକ୍ଷା ପରିବେଶ ଓ ଆଗାମୀ ଶିକ୍ଷାଜୀବନ ସହ ପରିଚିତ କରାଇବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଉପକଣ୍ଠ ମହତାପଲ୍ଲୀ ସ୍ଥିତ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜ ପକ୍ଷରୁ ଗୁରୁଦିବସ ପାଳନ ଅବସରରେ ଗତ ଶନିବାର ଦିନ କ୍ୟାପକ୍ୱେଷ୍ଟ-୨୦୨୬ ଶୀର୍ଷକରେ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କଲେଜ ପକ୍ଷରୁ ଡିପ୍ଲୋମା, ବି.ଟେକ୍, ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମରେ ଯୋଗ ଦେଇଥିବା ନୂତନ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ କରାଯିବା ସହିତ ସ୍ୱପ୍ନ, ଶିକ୍ଷା ଓ ଦକ୍ଷତା ହାସଲ ବାର୍ତ୍ତାକୁ ଆଧାର କରି ଏହି ଶିକ୍ଷାନୁଷ୍ଠାନ ହିଁ ଏକ ନୂତନ ଯାତ୍ରାର ପ୍ରାରମ୍ଭ ସ୍ଥଳୀ ବୋଲି ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ବସ୍ତୁ



ରହିଛି । ଉଚ୍ଚଶିକ୍ଷାର ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଥିବା ପ୍ରତ୍ୟେକ ନବାଗତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଶିକ୍ଷା ପରିବେଶ ସହ ପରିଚିତ କରାଇବା ସହ ସେମାନଙ୍କ ନୂଆ ଯାତ୍ରାକୁ ସ୍ୱାଗତ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ୟାପିଟାଲ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାନୁଷ୍ଠାନର ଏହି ଉଦ୍ୟମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବ ବୋଲି କହିବା ସହିତ କାର୍ଯ୍ୟକ୍ରମରେ ଆଲୋଚିତ ଶିକ୍ଷଣୀୟ ବିଷୟ ବସ୍ତୁକୁ ପ୍ରତ୍ୟେକ ବିଦ୍ୟାର୍ଥୀ ଓ ଶିକ୍ଷକ କାର୍ଯ୍ୟରେ ଲଗାଇଲେ ନିହାତି ଭାବରେ ଶିକ୍ଷାନୁଷ୍ଠାନର ଉନ୍ନତି ହେବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ମଧ୍ୟ ଉଜ୍ଜଳ ହେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସେହିପରି ଟିଆରଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର କାର୍ପୋରେଟ୍ ସେବା ଓ ସ୍ଥାୟୀତ୍ୱ ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଡକ୍ଟର ତାରାପଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଲେଜର କର୍ତ୍ତୃପକ୍ଷ ମାନଙ୍କର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ନବସୃଜନ, ନୈତିକତା ଓ ସହଯୋଗୀ ମନୋଭାବ ସହିତ ଦକ୍ଷ ଏବଂ ପେଶାଦାର ବ୍ୟକ୍ତିତ୍ୱ ଗଢ଼ି ତୋଳିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଆୟୋଜନ ମାଧ୍ୟମରେ ନୂତନ ଛାତ୍ରଛାତ୍ରୀ ମାନେ ନିଜର ଶିକ୍ଷା ଜୀବନର ଆରମ୍ଭରୁ ଏକ ଉତ୍ସାହଜନକ ଓ ସୁସଂଗଠିତ ପରିବେଶ ପାଇବାର ସୁଯୋଗ ପାଇବା ବ୍ୟତୀତ ନୂତନ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ମନରେ ନୂଆ ଆଶା, ଲକ୍ଷ୍ୟ ଓ ସଫଳତାର ସଂକଳ୍ପ ସୃଷ୍ଟି କରିବା ଦିଗରେ ଆୟୋଜିତ କାର୍ଯ୍ୟକ୍ରମର ସହାୟକ ହେବ ବୋଲି କ୍ୟାପିଟାଲ ଇଞ୍ଜିନିୟରିଂ କଲେଜର ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ସୌମ୍ୟଦର୍ଶନ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି ।

## କୁମୁଲି ଡିଏନ୍‌କେ ଛକଠାରୁ ଛତାବେଡ଼ା ଡିଏନ୍‌କେ ପର୍ଯ୍ୟନ୍ତ ରାସ୍ତାର ମରାମତି ଦାବୀ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁମଲି ଡିଏନ୍‌କେ ଛକଠାରୁ ଛତାବେଡ଼ା ଡିଏନ୍‌କେ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଏବେ ଦୟନୀୟ ହୋଇପଡ଼ିଛି । ରାସ୍ତା ଉପରେ ଦୁଇରୁ ତିନି ଫୁଟ୍ ଗଭୀର ଗାତ ସୃଷ୍ଟି ହୋଇଥିବାରୁ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରୁଥିବା ବେଳେ ରାସ୍ତାର ଏଭଳି ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତାରେ ଥିବା ବଡ଼ ବଡ଼ ଗାତ ଯୋଗୁଁ ପଥଚାରୀଙ୍କ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ମୋଟରସାଇକେଲ ଓ କାର୍ ଚାଳକମାନେ ବହୁ କଷ୍ଟରେ ଗାତ ଅତିକ୍ରମ କରୁଥିବା ଦେଖାଯାଉଛି । ବିଶେଷକରି ବର୍ଷା ହେଲେ ଗାତରେ ପାଣି ଜମି ରହୁଥିବାରୁ ଏହାର ଗଭୀରତା ଜଣାପଡୁନାହିଁ । ଫଳରେ ଯାତାୟାତ କରୁଥିବା ଲୋକେ ଅଧିକ ବିପଦରେ ପଡୁଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ,ଏହି ରାସ୍ତାରେ ଯାତାୟାତ କରୁଥିବା କେତେକ ଯାତ୍ରୀ ନିୟନ୍ତ୍ରଣ ହରାଇ ଗାଡ଼ିରୁ ପଡ଼ି ଆହତ ହୋଇଛନ୍ତି । କାହାର ମୁଣ୍ଡ ଫାଟିଥିବା ବେଳେ ଆଉ କାହାର ଗୋଡ଼ କିମ୍ବା ହାତ ଭାଙ୍ଗିଥିବା ନେଇ ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାଗୁଡ଼ିକର ସ୍ୱାଧୀନ ସତ୍ୟାପନ ହୋଇନାହିଁ ।

## ରେଢ଼ାଖୋଲରେ ଆରଏସଏସ ଯୁବ ସମ୍ମିଳନୀ

ରେଢ଼ାଖୋଲ (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଲେଜ ଛକ ସ୍ଥିତ କଲ୍ୟାଣ ମଣ୍ଡପରେ ଆଜି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘର ଶତାବ୍ଦୀ ବର୍ଷ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଭାଗ କାର୍ଯ୍ୟବାହ ରାଜାରାମ ଲେଙ୍କା ଯୋଗଦେଇ ଭାରତ ବର୍ଷର ଗୌରବଶାଳୀ ଇତିହାସ, ପରାକ୍ରମୀ ମହାପୁରୁଷ ଏବଂ ତେଜସ୍ୱୀ ମୁନି ଋଷି ମାନଙ୍କ ବିଷୟରେ ଆଲୋକପାତ କରିଥିଲେ । ଏହା ସହିତ ଭାରତକୁ ପରମ ବୈଭବ ଶିଖରରେ ପହଞ୍ଚାଇବା ପାଇଁ ବର୍ତ୍ତମାନ ଯୁବ ସମାଜର ଭୂମିକା କଣ ହେବା ଉଚିତ ସେ ବିଷୟରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଖଣ୍ଡ ସଂଘଚାଳକ ସନ୍ତୋଷ ରଥ ଏବଂ ସମ୍ମାନିତ ଅତିଥି ଭାବେ ଓଡିଶା ପଶ୍ଚିମ ପ୍ରାନ୍ତ ସହ ବ୍ୟବସ୍ଥା ପ୍ରମୁଖ ଖଗେଶ୍ୱର ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଶତାଧିକ ଯୁବକ ଯୋଗ ଦେଇଥିଲେ । ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରମୁଖ ହରିଶଙ୍କର ହୋତା, ଜିଲ୍ଲା ବୌଦ୍ଧିକ ପ୍ରମୁଖ ସୁରଥ ବିଶ୍ୱାଳ, ଜିଲ୍ଲା ସହ କାର୍ଯ୍ୟବାହ ସନ୍ତୋଷ ପ୍ରଧାନ, ଖଣ୍ଡ କାର୍ଯ୍ୟବାହ ସୁବାସ ପ୍ରଧାନ, ଖଣ୍ଡ ବ୍ୟବସ୍ଥା ପ୍ରମୁଖ ଦେବବ୍ରତ ସାହୁ, ଖଣ୍ଡ ଶାରୀରିକ ପ୍ରମୁଖ ରାକେଶ ଦେହୁରୀ, ସେବା ପ୍ରମୁଖ ଚିରଞ୍ଜୀବୀ ପ୍ରଧାନ, ସୁନିଲ ପ୍ରଧାନ, ତପେଶ୍ୱର ପ୍ରଧାନ, ଯୁଗେଶ୍ୱର ପ୍ରଧାନ, ବାଦଲ ପ୍ରଧାନ, ଅମନ ପ୍ରଧାନ, ଡିଲେଶ୍ୱର ସାହୁଙ୍କ ସମେତ ଅନ୍ୟ ସ୍ୱୟଂସେବକ ମାନେ ସହଯୋଗ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବାଲୁଗାଁ ଚିଲିକା ପ୍ରେସକ୍ଲବର ସାଧାରଣ ବୈଠକ



**ଚିଲିକା :**ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ–ବାଣପୁର ଏବଂ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳର ସାମ୍ବାଦିକମାନଙ୍କୁ ନେଇ ଗଠିତ ଜିଲ୍ଲା ର ଅଗ୍ରିଣ ଚିଲିକା ପ୍ରେସକ୍ଲବର ଏକ ସାଧାରଣ ବୈଠକ ଶ୍ରୀ ଶ୍ରୀ ଉମାମହେଶ୍ୱର୍ ଦେବ କଲ୍ୟାଣୀ ମଣ୍ଡପ ଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘ ର ସଭାପତି ପ୍ରକାଶ କୁମାର ପ୍ରଧାନ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ସଂଘ ର ଉପଦେଷ୍ଟା ନୃସିଂହ ଚରଣ ମିଶ୍ର ଙ୍କ ଆମର ଆତ୍ମା ଙ୍କ ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ପରେ ନୂତନ ସଭ୍ୟ ଗ୍ରହଣ କାର୍ଯ୍ୟକ୍ରମ ଅନ୍ତେ ସମ୍ପାଦକ ଅନନ୍ତ ଚରଣ ବାରିକି ତାଙ୍କର ମତ ପ୍ରକାଶ କରିବା ପରେ କୋଷାଧ୍ୟକ୍ଷ ସୁଶୀଲ କୁମାର ପ୍ରଧାନ ସଂଘ ର ଆର୍ଥିକ ସ୍ଥିତି କୁ ସମସ୍ତ ସଭ୍ୟ ଙ୍କ ନଜର ଆଣିବା ସଙ୍ଗେ ସଙ୍ଗେ ସଂଘ ର ସଂଗଠକ ଅଶୋକ କୁମାର ନାୟକ ସଂଘ୍ ର ଏକତା ଓ ସଭ୍ୟ ଙ୍କ ସୁରକ୍ଷା ,ସ୍ୱଚ୍ଛ ସାମ୍ବାଦିକ ଓ ସାମ୍ବାଦିକତା ଉପରେ ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ସଂଘ ର ସମସ୍ତ ଉପସ୍ଥିତ ସଭ୍ୟ ବୃନ୍ଦ ନିଜ ନିଜର ମତ ପ୍ରଦାନ କରି ପ୍ରେସକ୍ଲବର ବିଭିନ୍ନ କାର୍ଯ୍ୟକଳାପ, ସାମ୍ବାଦିକମାନଙ୍କ ସମସ୍ୟା ଏବଂ ଆଗାମୀ ଦିନରେ ପ୍ରେସକ୍ଲବକୁ ଆହୁରି ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଅଞ୍ଚଳର ବିଭିନ୍ନ ସାମାଜିକ ସମସ୍ୟା, ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଖବର ପ୍ରକାଶ କରିବା ସହିତ ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ସାମ୍ବାଦିକମାନଙ୍କ ମଧ୍ୟରେ ଏକତା, ସମନ୍ୱୟ ଓ ଭାଇଚାରା ବଜାୟ ରଖିବା ସହିତ ଅଞ୍ଚଳର ବିଭିନ୍ନ ଜନସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନଜରକୁ ଆଣିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ଚିଲିକା ପ୍ରେସକ୍ଲବର ସଦସ୍ୟ ଓ ସାମ୍ବାଦିକମାନେ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମତାମତ ରଖିଥିଲେ । ଶେଷରେ ସମସ୍ତ ସାମ୍ବାଦିକଙ୍କ ମଧ୍ୟରେ ଏକତା ଓ ସହଯୋଗ ରହିଲେ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାକୁ ଆହୁରି ପ୍ରଭାବଶାଳୀ ଭାବେ ଉପସ୍ଥାପନ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା ।ପରି ଶେଷରେ ସଂଘ ର ଉପ ସଭାପତି ସଂଗ୍ରାମ କୁମାର ପାଇକରାୟ ସଂଘ ପାଇଁ ନିଜର ଅଭି ଭାଷଣ ପ୍ରଦାନ କରି ସଭା କାର୍ଯ୍ୟ ସଂଗ କରିଥିଲେ ।

## ଗେଙ୍ଗୁଟି ନଦୀରେ କୁମ୍ଭୀର, ସତର୍କ କଲା ବନ ବିଭାଗ

ବାଲିଚନ୍ଦ୍ରପୁର , (ମହାଭାରତ): ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆ ପଞ୍ଚାୟତ ତାଲୁଆ ବାଲିକୁଦା ଗେଙ୍ଗୁଟି ନଦୀ ବ୍ରିଜ ନିକଟରେ ଏକ କୁମ୍ଭୀର ପହରୁ ଥିବା ସ୍ଥାନୀୟ ଲୋକମାନେ ଦେଖିବା ପରେ ତାହାର ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧମରେ ଭାଇରାଲ୍ କରିଥିଲେ, ଘଟଣା ଟି ପ୍ରଘଟ ହେବାପରେ ବ୍ରିଜ ଉପରେ କୁମ୍ଭୀରକୁ ଦେଖିବା ପାଇଁ ଶହଶହ ସଂଖ୍ୟକ ଲୋକ ବ୍ରିଜ ଉପରେ ରୁଣ୍ଡ ହୋଇଥିଲେ, ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ପୁଣି ଉପରକୁ ଉଠୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିବା କହିଛନ୍ତି , ଏହି ସ୍ଥାନଟି କେଲୁଅ ଓ ଗେଙ୍ଗୁଟି ନଦୀର ମିଶ୍ରଣ ସ୍ଥଳ ୨ କିମି ପରେ ଏହି ନଦୀରେ ବିରୂପା ମିଶିଛି ବଡ଼ଚଣା ବ୍ଲକ୍‌ର କେଲୁଅ, ଗେଙ୍ଗୁଟି ଓ ବିରୂପା ନଦୀକୂଳରେ ଅବସ୍ଥିତ ଜନକଠାରୁ ହଳଧରପୁର ଓ ଗେଙ୍ଗୁଟି ନଦୀକୂଳରେ ଚଣ୍ଡିଆ, ବନମାଳୀପୁର, ଅଚ୍ୟୁତବସନ୍ତ, ଗୋପାଳପୁର, ଚାରିନଙ୍ଗଳ ପଞ୍ଚାୟତର ଜନସାଧାରଣ ନଦୀ ଉପରେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି, କୁମ୍ଭୀର ଦେଖାଯିବା ପରେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି , ଏନେଇ ବୈରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କୁ ଅବଗତ କରାଇବା ପରେ ସେ ବନ କର୍ମଚାରୀଙ୍କୁ ପଠାଇ ମାଇକ୍ ଯୋଗେ ନଦୀକୁ ନଯିବା ପାଇଁ ସତର୍କ କରାଇଛନ୍ତି, ତେବେ ବନବିଭାଗ କର୍ମଚାରୀ ମାନେ ଦୁଇଦିନ ହବ ଘଟଣା ଉପରେ ନଜର ଥିଲେ ମଧ୍ୟ କୁମ୍ଭୀର ଟି ଏ ପର୍ଯ୍ୟନ୍ତ ସେମାନଙ୍କର ଦୃଷ୍ଟିଗୋଚର ହୋଇନଥିବା ଡାଳିଯୋଡା ବନପାଳ କୃଷ୍ଣ ଚନ୍ଦ୍ର ଟୁଡୁ ପ୍ରକାଶ କରିଛନ୍ତି

## ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମରଣାତ୍ମକ ଆକ୍ରମଣ ଥାନାରେ ଅଭିଯୋଗ

ଆସିକା (ମହାଭାରତ): ଆସିକା ଥାନା ଗୌଡ଼ଗୋଠ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି କ୍ଷ ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ । ପ୍ରକାଶ ଥାଉକି ଆସିକା ଥାନା ଗୌଡ଼ ଗୋଠ ଗ୍ରାମରେ ଅଭିଯୋଗ କାରି ସୁନିତା ନାଇକ (୩୫)ଙ୍କ ସ୍ୱାମୀ ରମେଶ ନାଇକ ଗତ ୩୦ ଅଗଷ୍ଟ ଦିନ ରାତ୍ର ୮ଘଣ୍ଟ ସମୟରେ ଗାଁ ଦାଣ୍ଡରେ ଖେଳୁଥିବା ପୁଅକୁ ଡାକିବା ପାଇଁ ଯାଇଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସଞ୍ଜୟ ଗୌଡ଼ ଓ ବିଜୟ ଗୌଡ଼ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବା ଉଦେଶ୍ୟରେ ସଞ୍ଜୟ ଓ ବିଜୟ ରମେଶର ମୁଣ୍ଡକୁ ଲକ୍ଷ କରି ଧରିଥିବା ମରଣାସ୍ତ୍ରରେ ହାଣିଥିଲେ ନିଜକୁ ରକ୍ଷା କରିବାକୁ ଯାଇ ରମେଶ ନିଜ ହାତରେ ଅଟକାଇଥିଲେ ଫଳରେ ରମେଶଙ୍କ ହାତରେ କଟିଯାଇ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା ରକ୍ତ ଜୁଡୁବୁଡୁ ଅବସ୍ଥାରେ ରମେଶ ଘଟଣା ସ୍ଥଳରେ ଦୀର୍ଘ ସମୟ ପଡିରହିଥିଲା କ୍ଷ ରମେଶକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ଆସିକା ଉପଖଣ୍ଡ ଚିକିସ୍ଛାଳୟକୁ ଆଣି ଚିକିତ୍ସିତ କରିଥିଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନତାରିତ କଯାଇଥିଲା କ୍ଷ ଏଘଟଣା ସମ୍ପର୍କରେ ରମେଶ ଙ୍କ ସ୍ତ୍ରୀ ସୁନିତା ନାଇକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଅଭିଯୋଗ କୁ ଭିତ୍ତି କରି ପୋଲିସ ଥାନା କେସ ନମ୍ବର ୪୯୦/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ସେଂଚୁରିୟାନ ବିଶ୍ୱବିଦ୍ୟାଳୟରେ ହସତେରୁଆ ଗ୍ରୁପର ଅଧକ୍ଷ ରାମନାଥ ତ୍ରିପାଠୀ ସମ୍ମାନିତ




ପାରଳାଖେମୁଣ୍ଡି(ମହାଭାରତ): ସ୍ଥାନୀୟ ସେଂଚୁରିୟାନ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଜୟପୁରର ହସତେରୁଆ ଗ୍ରୁପ୍ର ଅଧ୍ୟକ୍ଷ ରାମନାଥ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଛି ।ନିଜର ମନ୍ତବ୍ୟରେ ହସର ମୂଲ୍ୟ ଛାତ୍ରଛାତ୍ରୀ ମାନଂକୁ ଅଧ୍ୟୟନ ସମୟରେ ମୁକ୍ତ ମସ୍ତିଷ୍କ ରଖି ଜ୍ଞାନ ଆହରଣ ଶକ୍ତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।ମସ୍ତିଷ୍କକୁ ଭାରାକ୍ରାନ୍ତ ନକରି ଏକ ସୁସ୍ଥ ବାତାବରଣ ମଧ୍ୟରେ ଦଳଗତ ଆଲୋଚନାଦ୍ୱାରା କିପରି ନିଜର ଭବିଷ୍ୟତ ଗଠନ କରାଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ ।ବୈଷୟିକ ଓ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀ ମାନେ ନିଜର ଜ୍ଞାନକୌଶଳକୁ ବୁଦ୍ଧିମତା ଦ୍ୱାରା ନିଜକୁ ଦ୍ୱନ୍ଦଠାରୁ ଦୂରରେ ରଖି ସରଳ ଓ ସାବଲୀଳ ଚିନ୍ତାଧାରାକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ ।ଜଣେ ପ୍ରତିଯୋଗୀ ହିସାବରେ ହାସ୍ୟକୁ ମାନସିକ ଓ ଶାରିରୀକ ଶକ୍ତିର ଅଂଶ ବିଶେଷ ଭାବି କାର୍ଯ୍ୟରେ ଲଗାଇ ସଫଳତା ହାସଲ କରିବାକୁ କହିଥିଲେ ।ଉପସ୍ଥିତ ଅତିଥି ବ୍ରହ୍ମପୁରର ସାଂସଦ ଡ.ପ୍ରଦିପ ପାଣିଗ୍ରାହୀ,ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ,ସେଂଚୁରିୟାନ ବିଶ୍ୱବିଦ୍ୟାଳୟର ଉପ ସଭାପତି ପ୍ରଫେସର ଡିଏନ୍ ରାଓ, କୁଳପତି ସୁପ୍ରିୟା ପଟ୍ଟନାୟକ ତଥା ବିଶ୍ୱବିଦ୍ୟାଳୟର ସମସ୍ତ ଫେକଲ୍ଟି ଏବଂ ଛାତ୍ରଛାତ୍ରୀ ତାଂକର ବକ୍ତବ୍ୟକୁ ତାରିଫ କରିଥିଲେ ।

## ନବନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ହରିଶଙ୍କର ରାଉତଙ୍କୁ ସମ୍ବର୍ଦ୍ଧନା



**କଟକ:**ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ର ନବନିଯୁକ୍ତ ରାଜ୍ୟ ସାଧାରଣ ସମ୍ପାଦକ ହରିଶଙ୍କର ରାଉତଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସେ ଚଉଉ ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି । ନିଜ ପ୍ରତିକ୍ରିୟାରେ ହରିଶଙ୍କର ରାଉତ କହିଛନ୍ତି ଯେ, କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଂଗଠନକୁ ଅଧିକ ମଜବୁତ ସକ୍ରିୟଶିଳ କରିବା ପାଇଁ ସେ ପ୍ରତ୍ୟେକ ୱାର୍ଡ ଏବଂ ପଞ୍ଚାୟତ ସ୍ତରକୁ ଗସ୍ତ କରିବେ । ତୃଣମୂଳ ସ୍ତରରୁ ଲୋକଙ୍କ ସହ ଯୋଡ଼ିହୋଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ସଚ୍ଚିଦାନନ୍ଦ ରାଉତ, ବେଦଦୀପ୍ତ ସାହୁ, ଲିପୁଲ ରାଉତ, ଯୁବରାଜ ସିଂ, ଅମୀର ଛଟେଇ ଏବଂ ସୌମ୍ୟ ରଞ୍ଜନ ସେଠିଙ୍କ ସମେତ ଅନେକ ପ୍ରମୁଖ କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡାରୁ ହଳଧର ସେଠୀ ପିସିସି ସାଧାରଣ ସମ୍ପାଦକ ନିଯୁକ୍ତ



**କେନ୍ଦ୍ରାପଡ଼ା,:** ଦୀର୍ଘଦିନର ରାଜନୈତିକ ଅଭିଜ୍ଞତା ହାସଲ କରିଥିବା କେନ୍ଦ୍ରାପଡାର ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ ଭକ୍ତଚରଣ ଦାସଙ୍କର ନୂତନ କାର୍ଯ୍ୟକର୍ତ୍ତା କମିଟିରେ ସାଧାରଣ ସମ୍ପାଦକ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ପାଇଛନ୍ତି । ଛାତ୍ର ଜୀବନରୁ କଂଗ୍ରେସ ପ୍ରତି ନିଜର ସାଂଗଠାନିକ ଦୁର୍ବଳତା ଏବଂ ନିଜ ପରିବାରର କଂଗ୍ରେସ ଦଳ ପ୍ରତି ଆତ୍ମୀୟତା ପ୍ରକାଶ କରିଆସିଥିବା ଶ୍ରୀ ସେଠୀ ଭୁବନେଶ୍ୱରସ୍ଥିତ ବକ୍ସିଜଗବନ୍ଧୁ ମହାବିଦ୍ୟାଳୟରୁ ପ୍ରଥମେ ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରୁ ସ୍ନାତକୋତ୍ତର ଏବଂ ଉତ୍କଳ ୟୁନିଭରସିଟି ଆଇନ ମହାବିଦ୍ୟାଳୟରୁ ଏଲଏଲବି ପାସ କରି ମଧ୍ୟ କଂଗ୍ରେସ ଦଳ ପ୍ରତି ଛାତ୍ର ଜୀବନରୁ ରହିଥିବା ତାଙ୍କର ଅଦମ୍ୟ ସମର୍ଥନ ପାଇଁ ଶେଷରେ କଂଗ୍ରେସ ରାଜନୀତିକୁ ସେ ନିଜର ସମାଜ ସେବାର ମାଧମ ଭାବେ ଗ୍ରହଣ କରିନେଇଛନ୍ତି । ଛାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମେ ସେ ବିଜେବି ମହାବିଦ୍ୟାଳୟର ଛାତ୍ର ସଂସଦ ସମ୍ପାଦକରୁ ନିଜର କ୍ୟାରିୟର ଆରମ୍ଭ କରି ପରବର୍ତ୍ତି ଅବସ୍ଥାରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆବାହାକ, ଉପାଧ୍ୟକ୍ଷ ଏବଂ ପ୍ରଦେଶ ମତ୍ସ୍ୟଜୀବି କଂଗ୍ରେସ ଅଧ୍ୟକ୍ଷ, କେନ୍ଦ୍ରାପଡାରୁ ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଓ ଅଖିଳ ଭାରତ ମତ୍ସ୍ୟଜୀବି କଂଗ୍ରେସର ସମ୍ପାଦକ ଭାବେ ନିଯୁକ୍ତି ପାଇଥିଲେ । ଦୀର୍ଘଦିନର ଏହି ରାଜନୈତିକ ଅଭିଜ୍ଞତା ଏବଂ କଂଗ୍ରେସ ପ୍ରତି ରହିଥିବା ତାଙ୍କର ଅନାବିଳ ସାଂଗଠାନିକ କାର୍ଯ୍ୟ, ନିର୍ବାଚନ ପରିଚାଳନା ଓ ନିଜର ସରଳ ତଥା ଭାତୃତ୍ୱପୂର୍ଣ୍ଣ କାର୍ଯ୍ୟନିପୁଣତା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସ ଶ୍ରୀ ସେଠୀଙ୍କୁ ତାଙ୍କ କମିଟିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଁ କରିଥିବା ସୁପାରିଶକୁ ଅଖିଳ ଭାରତ କଂଗ୍ରେସ କମିଟି ଶେଷରେ ମୋହର ମାରିଛନ୍ତି । କେନ୍ଦ୍ରାପଡାର କଂଗ୍ରେସ ପ୍ରେମୀ, କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ସାଧାରଣ ସମର୍ଥକମାନେ ଶ୍ରୀ ସେଠୀଙ୍କ ଏହି ନିଯୁକ୍ତିରେ ବେଶ ଉତ୍ସାହିତ ଥିବା ଅନୁଭବ ହେଉଛି । କେନ୍ଦ୍ରାପଡାରେ ଦୀର୍ଘଦିନ ଧରି ଗତ ୨୦୦୯ ମସିହାରୁ ଆଜି ଯାଏଁ ଦଳର ସମସ୍ତ ସାଂଗଠାନିକ କାର୍ଯ୍ୟରେ ନିଜର ଦକ୍ଷତା ମୁତାବକ କାର୍ଯ୍ୟ ସମ୍ପାଦନ କରିଥିବା ଶ୍ରୀ ସେଠୀ ସାଧାରଣ ନିର୍ବାଚନରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଅତି ଉଚ୍ଚକୋଟିର ତଥା ପ୍ରଭାବି ପ୍ରଚାର ଦାୟିତ୍ୱ ନିଭାଉଥିବା ଅଂଚଳବାସୀ ମଧ୍ୟ ଅନୁଭବ କରିଛନ୍ତି ।

## ଅଲ୍ ଓଡ଼ିଶା ସିଡୁଲଡକାଷ୍ଟ ଫେଡରେସନର ଛଅ ତମ ପ୍ରତିଷ୍ଠା ଦିବସ

କଳାହାଣ୍ଡି/ମହାଭାରତ : ଆଜି ଭବାନୀପାଟଣା ଟାଉନ ହଲ ଠାରେ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଙ୍କ ସଭାପତିତ୍ୱରେ ସଂଗଠନର ଛଅ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରାଯାଇଛି ।ପ୍ରଥମେ ବହୁଜନ ସମାଜର ମହାପୁରୁଷ ମାନଙ୍କ ଫଟୋ ଚିତ୍ରରେ ପୁଷ୍ପ ଦୀପ୍ ଅର୍ପଣ କରି ପଞ୍ଚଶିଳ ତ୍ରିଶରଣ ଗାନ କଲାପରେ ସଭାକାର୍ଯ୍ୟ ଆରମ୍ଭ କରଯାଇଥିଲା ।ସମସ୍ତ ବକ୍ତା ମତ ରଖିଥିଲେ ବାବାସାହେବ ଙ୍କ ବାର୍ତ୍ତା ହିସାବରେ ସମାଜରେ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଏବଂ ସଙ୍ଗଠିତ ହୋଇ ରହିବା । ସଂଗଠନ ପ୍ରତ୍ୟେକ ବର୍ଷ ସମାଜ ରତ୍ନ ସମାଜ ପ୍ରତିଭା ସମାଜ ଉଦୀୟମାନ ତାରକା ସମ୍ମାନ ପ୍ରଦାନ କରିଥାଏ ।ଏହି ବର୍ଷ ଗୀତ ସଂଗୀତ ଦୁନିଆର ମରଣୋତ୍ତର ପରେ ଶ୍ରୀରାମ ଲୁହାର ସମୀର ନାଗ ହ୍ୟୁମାନ୍ ସାଗର । ସମାଜିକ କ୍ଷେତ୍ରରେ ଚାମର ମଙ୍ଗରାଜ ଧୋବା ନାଗ ସଂଖନାଦ ନାଏକ କୁ ସମାଜ ରତ୍ନ ସମ୍ମାନ ଦିଆଯାଇଛ ।

## ବିଭିନ୍ନ ଚୋରୀ ଘଟଣାରେ ଦୁଇ ଗିରଫ


ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ପୋଲିସ ଗୋଟିକ ପରେ ଗୋଟିଏ ସଫଳତାରେ ପହଂଚିଥିବାର ଦେଖାଦେଇଛି । ରବିବାର ଦିନ ବିଭିନ୍ନ ଚୋରୀରେ ସାମିଲ ଥିବା ଦୁଇଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଛି ଦଶପଲ୍ଲା ପୋଲିସ । ଦୁଇ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ବୋରୋସିଙ୍ଗି ଗ୍ରାମର ଟି. ସୂର୍ଯ୍ୟ ନାରାୟଣ ଦୋରାଙ୍କ ପୁଅ ଟି. ଏଇୟା ଦୋରା (୩୦) ଏବଂ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ପ୍ରମୋଦ କୁମାର ରାଉତଙ୍କ ପୁଅ ଆକାଶ କୁମାର ରାଉତ (୨୦)ଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି ।ଦଶପଲ୍ଲା ଥାନା କେସ୍ ? ନମ୍ବର ୨୪୫/ ୨୬, ଧାରା ୩୦୩(୨)/୩(୫) ବିଏନ୍ ?ଏସ୍ ? ଅନୁଯାୟୀ ମାମଲା ରୁଜୁ ହୋଇଛି । ଉଭୟ ଅଭିଯୁକ୍ତ ବିଭିନ୍ନ ଚୋରି ଘଟଣାରେ ସାମିଲ ଥିବା ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସୂଚନା ଦେଇଛନ୍ତି ।

## ଉଠାଣିସାହିରେ ମହାଆଡମ୍ବରରେ ପାଳିତ ହେଲା ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ



ନୂଆଗାଁ (ମହାଭାରତ ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଉଠାଣିସାହିରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶନିବାର ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମହାଆଡମ୍ବରରେ ପାଳନ ହୋଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ବାସିନ୍ଦା ଓ ଯୁବ ଗୋଷ୍ଠୀଙ୍କ ମିଳିତ ସହଯୋଗରେ ପାରମ୍ପରିକ ବେଶଭୂଷା ପରିଧାନ କରି ବାଦ୍ୟଯନ୍ତ୍ର ଖୋଳ,ଝାଞ୍ଜ, ମୃଦଙ୍ଗ ବଜାଇ ନାମ ସଂକୀର୍ତ୍ତନ କରି ଉଠାଣିସାହି ଠାରୁ ନୂଆଗାଁ ଥାନା, ବ୍ଲକ୍ ପର୍ଯ୍ୟନ୍ତ ଯାଇଥିବା ବେଳେ ନନ୍ଦ, ଯଶୋଦା, କୃଷ୍ଣ,ସୁଦାମା,ବାଘ,ଭାଲୁ ,ଗଉଡ଼, ଗୌଡୁଣି ବେସ ସାଙ୍ଗକୁ ଆଲୋକ ଓ ବାଣ ଫୁଟାଇ ଉତ୍ସବକୁ ଶତାଧିକ ଲୋକ ମନଭରି ଉପୋଭାଗ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଶଙ୍କର୍ଷଣ ବେହେରା,ଦାଶରଥି ପ୍ରଧାନ,ପୂର୍ବତନ କୋରଡ଼ା ସରପଞ୍ଚ ଗୋଲଖ ବିହାରୀ ଗୋଛାୟତ, ପ୍ରକାଶ କୁମାର ନାୟକ ଯୋଗଦେଇଥିଲେ । ଉତ୍ସବର ଅୟୋଜନ କରିଥିବା ସମସ୍ତ ଗ୍ରାମବାସୀଙ୍କୁ ବିଧାୟକ ସାଧୁବାଦ ଜଣାଇଥିଲେ ।ଉତ୍ସବ ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ହେଇଥିଲା ।କାର୍ଯ୍ୟକ୍ରମକୁ ଅଶୋକ କୁମାର ନାୟକ, ଦୀପକ କୁମାର ନାୟକ, ସତ୍ୟନାରାୟଣ ବେହେରା,କାଳିଆ ସାହୁଙ୍କ ସହ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ



**ନୟାହାଟ,:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ସ୍ଥିତ ପ୍ରାଚୀ ଗୁରୁଧର୍ମ କ୍ଷେତ୍ର ପରିସରରେ ଭଗବାନ ଶ୍ରୀ କୃଷ୍ଣଙ୍କ ଜନ୍ମ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଆଶ୍ରମ ର ମୁଖ୍ୟ ବାବାଜୀ ଦାମୋଦର ଦାସ ଙ୍କ ତତ୍ତ୍ୱାବଧାନରେ ଗତ କାଲି ଯଥାବିଧି ରେ ପାଳିତ ହୋଇ ଯାଇଛି । ସ୍ଥାନୀୟ ଅଂଚଳ ନିପାଣିଆଗଡ଼, ମଧୁବନ, ଧୂମାଳ, ନରସିଂହପୁର, ନୟାହାଟ ସମେତ ବହୁ ଅଂଚଳ ର ଶହ ଶହ ଭକ୍ତ ଆଶ୍ରମ ଆସି ଭଗବାନ ଶ୍ରୀ କୃଷ୍ଣଙ୍କ ଦର୍ଶନ ଲାଭ କରି ପୁଜାର୍ଚ୍ଚନା କରିଥିବାର ଦେଖିବାକୁ ମିଳିଥିଲା । ଆଶ୍ରମ ରେ ଥିବା ସମସ୍ତ ମନ୍ଦିର ରେ ଆଳତୀ,ବିଶ୍ୱ ର ମଙ୍ଗଳ ନିମନ୍ତେ ସମୂହ ବିଶ୍ୱଶାନ୍ତି ପାର୍ଥନା ପରେ ରାତ୍ର ରେ ଭଗବାନ ଶ୍ରୀ କୃଷ୍ଣଙ୍କ ଜନ୍ମ ଅଧ୍ୟୟନ ପଠନ ପରେ ହରିବୋଲ, ହୁଳହୁଳି, ନାମ କୀର୍ତ୍ତନ ରେ ଭକ୍ତଗଣ ନାଚି ଉଠିଥିଲେ । ଭକ୍ତ ମାନଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା । ସେହିପରି ଜନ୍ମାଷ୍ଟମୀ ପର ଦିନ ଆଶ୍ରମ ରେ ଧୂମଧାମ ରେ ନନ୍ଦ ଉତ୍ସବ ଆଜି ପାଳନ କରାଯାଇଛି ।ଆଶ୍ରମ ରେ ଥିବା ପନ୍ଦର ଗୋଟି ମନ୍ଦିର ମାନଙ୍କ ରେ ସନ୍ଧ୍ୟା ଆଳତୀ ପରେ,ରାତ୍ର ନ ଅ ଘଟିକା ରୁ ଶହ ଶହ ଭକ୍ତ ମାନଙ୍କ ଗ୍ରହଣ ରେ ଶଙ୍ଖଧ୍ୱନି ଜୟ ରାଧେ ଜୟ ରାଧେ ନାମ ରେ ପ୍ରଭୁ ବାଳଗୋପାଳ ମହାପ୍ରଭୁଙ୍କୁ ପ୍ରଥମେ କଦମ୍ବ ଗଛ ପରିକ୍ରମା କରାଯାଇଥିଲା । ସେଠାରେ ଷୋଡଶ ଉପଚାର ରେ ପୂଜାର୍ଚ୍ଚନା, ଆବାହନ ଗୀତ, ଗାନ ଓ ବା ସ୍ଵଳ୍ପ ଭାବରେ କ୍ଷୀର ପାନ କରାଯାଇଥିଲା ।ଆଶ୍ରମର ଭାଇ ଓ ଭଉଣୀ ଯଥା କ୍ରମେ ବାବା ଆତ୍ମା କୃଷ୍ଣ, ବିଜୁ, ସୋନୁ, ଲାଲା,ଲିଙ୍କୁ, ମକୁ, ଗୁଡୁଲୀ, ରବିନା, ଚାନ୍ଦ, ଗୋଲ୍ଲି, ବେଙ୍ଗୁଲି ଓ ସାଗରୀ ପ୍ରମୁଖ ଗୋଟିନିଟ୍ୟ ନନ୍ଦ ଉତ୍ସବରେ ଭାଗ ନେଇଥିଲେ ।

## ଶ୍ରୀଗୋପାଳଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ



**କେନ୍ଦ୍ରାପଡ଼ା,:** କେନ୍ଦ୍ରାପଡ଼ା ବ୍ଲକର ଲାହାଖଣ୍ଡ ଭରତପୁର ଗ୍ରାମ ମକଦ୍ଦମ ପରିବାରର କୁଳଦେବତା ପ୍ରଭୁ ଶ୍ରୀଗୋପାଳଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଶ୍ରୀଜୀଉଙ୍କ ମନ୍ଦିରର ପୂଜକ ସରୋଜକାନ୍ତ ପତିଙ୍କ ଦ୍ୱାରା ସକାଳୁ ଶ୍ରୀଜୀଉଙ୍କୁ ପୂଜା କରାଯାଇ ବିଶେଷ ଭାବରେ ସଜ୍ଜିତ କରାଯାଇଥିଲା । ଶ୍ରୀଜୀଉଙ୍କୁ ଆଳତୀ ଓ ଭୋଗ ଅର୍ପଣ କରାଯାଇଥିଲା । ଏହାପରେ କୁଳପୁରୋହିତ ଗଦାଧର ମହାପାତ୍ର ଶ୍ରୀଜୀଉଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିବା ସହିତ ୧୦୮ ତୁଳସୀ ଅର୍ପଣ କରିଥିଲେ । ରାତ୍ରରେ ହୋମଯଜ୍ଞ ଅନୁଷ୍ଠିତ ହୋଇ ଆହୂତୀ ପ୍ରଦାନ କରାଯାଇଥିଲା । ଶ୍ରୀଜୀଉଙ୍କ ପାଖରେ ଭୋଗ ଲାଗି କରାଯାଇଥିଲା । ଭଜନ ଓ ଜଣାଣ ପରେ ନାମ ସଙ୍କୀର୍ତ୍ତନ କରାଯାଇଥିଲା

## ସମର କ୍ରାନ୍ତି ସେନା ପକ୍ଷରୁ ଗୁରୁ ଦିବସ ପାଳିତ



**ଭୁବନେଶ୍ୱର,:**ରେଡକ୍ରସ ଭବନ ଠାରେ କ୍ରାନ୍ତିକାରୀ ସାମାଜିକ ଅନୁଷ୍ଠାନ ସମର କ୍ରାନ୍ତି ସେନା ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଅଛି ।ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ବ୍ରଜକିଶୋର ତ୍ରିପାଠୀ ଉଦଘାଟକ ଭାବରେ ଯୋଗଦେଇଥିଲେ । ମୁଖ୍ୟଅତିଥି ପୂର୍ବତନ ଅଯୁକ୍ତ ପୋଲିସ ମୋହାନିର୍ଦ୍ଦେଶକ ଶ୍ରୀଯୁକ୍ତ ଗୋପବନ୍ଧୁ ମଲ୍ଲିକ, ମୁଖ୍ୟବକ୍ତା ଶ୍ରୀଯୁକ୍ତ ପବିତ୍ର ମୋହନ ସାମନ୍ତରାୟ, ସ୍ୱତନ୍ତ୍ରଅତିଥି ଓଡିଶା ସରକାରଙ୍କ ବରିଷ୍ଠ ପ୍ରଶାସକ ଶ୍ରୀଯୁକ୍ତ ସଞ୍ଜୟ କୁମାର ମିଶ୍ର, ଅନ୍ୟତମ ସ୍ୱତନ୍ତ୍ର ଅତିଥିଭାବେ ଡ଼କ୍ଟର କୁମାରବର ଦାସ ପୂର୍ବତନ ଉପକୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ସଂମ୍ମାନିତ ଅତିଥିଭାବେପୂର୍ବତନ ଅଧ୍ୟାପକ ଶ୍ରୀଯୁକ୍ତ ନିରଞ୍ଜନ ବାରିକ ରେଭେନ୍ସା ମହାବିଦ୍ୟାଳୟ , ଅନୁଷ୍ଠାନ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ମହାପାତ୍ର, ଶ୍ରୀଯୁକ୍ତ ଶୁଭାଶିଷ ମିଶ୍ର ପ୍ରତିଷ୍ଠାତା ସମ୍ପାଦକ ପ୍ରତିକାର ଓଡ଼ିଆ ସମ୍ବାଦ ପାତ୍ର, ଗାନ୍ଧିବାଦୀ ସର୍ବୋଦୟ ସଂଗଠକ ଶ୍ରୀଯୁକ୍ତ ଗୌରାଙ୍ଗ ମହାପାତ୍ର ଓ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଅଧ୍ୟାପକ ଡ଼କ୍ଟର ସୁଶାନ୍ତ ଦାସ ପୌରୋହତ୍ୱ ରେ କାର୍ଯ୍ୟକ୍ରମ ସଂଚାଳିତ ସାହିତ କହିଥିଲି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଆଜିର ଏହି ୫ ତାରିଖ ରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି, ଜଣେ ପ୍ରସିଦ୍ଧ ବିଦ୍ୱାନ, ଦାର୍ଶନିକ ଏବଂ ଉତ୍ସର୍ଗୀକୃତ ଶିକ୍ଷକଙ୍କ ଜନ୍ମବାର୍ଷିକୀ ଏହି ଦିବସ ଗୁରୁଦିବସ ଭାବରେ ପାଳିତ ହୋଇଥାଏ । ଯେତେବେଳେ ସେ ୧୯୬୨ ମସିହାରେ ରାଷ୍ଟ୍ରପତି ହେଲେ, ତାଙ୍କ ଛାତ୍ରମାନେ ତାଙ୍କ ଜନ୍ମଦିନ ପାଳନ କରିବାକୁ ଅନୁରୋଧ କରିଥିଲେ । ସେ ଅନୁରୋଧରକ୍ଷା କରିଥିଲେ ଯେ ସମଗ୍ର ଶିକ୍ଷକତା ବୃତ୍ତିକୁ ସମ୍ମାନ ଜଣାଇବା ପାଇଁ ଏହି ଦିନକୁ ଶିକ୍ଷକ ଦିବସ ବା ଗୁରୁଦିବସ ଭାବରେ ପାଳନ କରାଯାଉ । ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭାଷଣ, ନୃତ୍ୟ ଏବଂ ସଂଗୀତ ପ୍ରଦର୍ଶନ ଆୟୋଜନ ନକରି । ଛାତ୍ରମାନେ ସେମାନଙ୍କ ପରାମର୍ଶଦାତାଙ୍କୁ ହାତ ତିଆରି କାର୍ଡ, ଫୁଲ ଏବଂ ଧନ୍ୟବାଦ ବାର୍ତ୍ତା ପ୍ରଦାନ କରିଲେ ଏହାର ପ୍ରକୃତ ସ୍ୱାର୍ଥ ସାଧନା ହେବ । ଏହିଭଳି ଭାଷଣମାଧ୍ୟମରେ ଅତିଥି ମାନେ କହିଥିଲି , ସର୍ବ ଶେଷରେ ଓଡିଶା ର ପୁରପଲ୍ଲୀରୁ ବିଦ୍ୟାଳୟ ଅଧ୍ୟକ୍ଷ,ଶିକ୍ଷକ, ବିଦ୍ୟାନଙ୍କୁ ଶିକ୍ଷ୍ୟାଶ୍ରୀ ସମ୍ମାନ ଓ ସ୍ୱଚ୍ଛାସେବୀ, ଛାତ୍ରଛାତ୍ରୀ, ସଂଗଠକ ମାନଙ୍କୁ ସେବାଶ୍ରୀ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ସମାଜଆଇନର ସମ୍ପାଦକ ଶ୍ରୀଯୁକ୍ତ ମନୋଜ ସେଠ, ସଂଗଠନ ର ସଦ୍ୟସ୍ୟ ଡ଼କ୍ଟର ସୌମିତ୍ର କର, ସମ୍ପାଦକ ଡ଼କ୍ଟର ପ୍ରମୋଦ କିଶୋର ପରିଡା ଶଙ୍କର ବେହେରା, ମୁକେଶ ସିଂହ, ହରେକୃଷ୍ଣ ବରାଳ,ଅନ୍ୟ ସଦ୍ୟସ୍ୟ ଯୋଗଦେଥିବା ବେଳେ ବାସୁଦେବ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

## ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଦିବସ



**ବରଗଡ,:** ଆଜି ସ୍ଥାନୀୟ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଅଛି । ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ ପରେ ପ୍ରଧାନ ଶିକ୍ଷକ ଡକ୍ଟର ସଂଗୀତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ଉଦ୍ଗାତା ମୁଖ୍ୟ ଅତିଥି ,ଅବସରପ୍ରାପ୍ତ , ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ, ରୋଜାଲିନ ମିଶ୍ର ଏବଂ ମନୋହର ସାହୁ ସମ୍ମାନିତ ଅତିଥିଭାବରେ ଯୋଗଦାନ କରିଥିଲେ ।ପ୍ରଧାନ ଶିକ୍ଷକ ଡକ୍ଟର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।କଲ୍ୟାଣୀ ମହାନନ୍ଦ ସଭାର ସଂଯୋଜନା କରିଥିବା ବେଳେ ସଂଗୀତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଇଣ୍ଡୋନେସିଆରେ ଆଗ୍ନେୟଗିରି ଉଦ୍‌ଗୀରଣ
## ୩୦୦ରୁ ଅଧିକ ବିମାନ ଉଡ଼ାଣ ପ୍ରଭାବିତ, ସ୍କୁଲ୍ ବନ୍ଦ

ଜାକର୍ତ୍ତା: ଇଣ୍ଡୋନେସିଆର ଆନାକ୍ କ୍ରାକାଟୋଆ ଜ୍ୱାଳାମୁଖୀର ଭୀଷଣ ଉଦ୍‌ଗିରଣ ଯୋଗୁଁ ରବିବାର ଦେଶର ବିମାନ ସେବା ଓ ସାଧାରଣ ଜୀବନ ଗୁରୁତର ପ୍ରଭାବିତ ହୋଇଛି। ଜ୍ୱାଳାମୁଖୀରୁ ନିର୍ଗତ ପାଉଁଶର ଘନ ବାଦଲ ପ୍ରାୟ ୫୦ ହଜାର ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ଉଠି ଜାଭା ଓ ସୁମାତ୍ରାର ବିସ୍ତୀର୍ଣ୍ଣ ଅଞ୍ଚଳରେ ବ୍ୟାପିଯାଇଛି। ଏହାର ପ୍ରଭାବରେ ୩୦୧ଟି ବିମାନ ଉଡ଼ାଣ ପ୍ରଭାବିତ ହୋଇଥିବାବେଳେ ସେଥିମଧ୍ୟରେ ୫୮ଟି ଅନ୍ତର୍ଜାତୀୟ ବିମାନ ସେବା ରହିଛି। ଜ୍ୱାଳାମୁଖୀରେ ଶୁକ୍ରବାର ରାତିରୁ ଉଦ୍‌ଗିରଣ ଆରମ୍ଭ ହୋଇଥିଲା। ରବିବାର ସକାଳେ ଜାକର୍ତ୍ତାର ମୁଖ୍ୟ ସୁକର୍ଣ୍ଣୋ-ହାଟା ଅନ୍ତର୍ଜାତୀୟ ବିମାନବନ୍ଦର ଅଞ୍ଚଳରେ ଜ୍ୱାଳାମୁଖୀ ପାଉଁଶ ଚିହ୍ନଟ ହେବା ପରେ ବିମାନ ଚଳାଚଳ ବନ୍ଦ କରାଯାଇଥିଲା। ପାଉଁଶ ଯୋଗୁଁ ଦୃଶ୍ୟମାନତା ଓ ବିମାନ ଇଞ୍ଜିନ୍‌ର ସୁରକ୍ଷାକୁ ବିପଦ ଥିବାରୁ ଏହି ପଦକ୍ଷେପ ନିଆଯାଇଥିଲା। ପରିବହନ ମନ୍ତ୍ରୀ ଡୁଡି ପୁରୱାଗନ୍ଧି କହିଛନ୍ତି ଯେ, ସୁକର୍ଣ୍ଣୋ-ହାଟା ସମେତ ମୋଟ ୬ଟି ବିମାନବନ୍ଦରରେ ବିମାନ ସେବା ପ୍ରଭାବିତ ହୋଇଛି। ସେମାରାଙ୍ଗ ଓ ସୁରାବାୟା ଭଳି ସହରର କିଛି ବିମାନବନ୍ଦରକୁ ବିକଳ୍ପ ଅବତରଣ ସ୍ଥଳ ଭାବେ ପ୍ରସ୍ତୁତ ରଖାଯାଇଛି। ସିଙ୍ଗାପୁର ଏୟାରଲାଇନ୍ସ ମଧ୍ୟ ରବିବାର ଜାକର୍ତ୍ତାକୁ ଯାତାୟାତ କରୁଥିବା ଏହାର ବିମାନଗୁଡ଼ିକୁ ବାତିଲ କରିଥିଲା। ଇଣ୍ଡୋନେସିଆର ପାଣିପାଗ ସଂସ୍ଥା ବିଏମ୍‌କେଜି ସୂଚନା ଦେଇଛି ଯେ, ଜାଭା ପାର୍ଶ୍ୱରେ ପାଉଁଶ ପ୍ରାୟ ୨୦ ହଜାର ଫୁଟ୍ ଉଚ୍ଚତାରେ ଚିହ୍ନଟ ହୋଇଥିବାବେଳେ ସୁମାତ୍ରା ପାର୍ଶ୍ୱ ଏବଂ ଜାଭାର ବାଣ୍ଟେନ୍ ପ୍ରଦେଶର କିଛି ଅଞ୍ଚଳରେ ଏହା ୫୦ ହଜାର ଫୁଟ୍ ପର୍ଯ୍ୟନ୍ତ ଉଠିଥିଲା। ପାଉଁଶ ବ୍ୟାପିବାରୁ କିଛି ସ୍କୁଲ୍‌ର କାର୍ଯ୍ୟକ୍ରମ ବନ୍ଦ କରାଯିବା ସହ ମତ୍ସ୍ୟଜୀବୀମାନେ ମଧ୍ୟ ମାଛଧରା କାର୍ଯ୍ୟ ସ୍ଥଗିତ ରଖିଛନ୍ତି। ଦେଶର ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଲୋକଙ୍କୁ ସତର୍କ ରହିବା, ଅନାବଶ୍ୟକ ବାହାର କାର୍ଯ୍ୟକଳାପ କମାଇବା ଏବଂ ପାଉଁଶରୁ ସୁରକ୍ଷା ପାଇଁ ସାବଧାନତା ଅବଲମ୍ବନ କରିବାକୁ କହିଛି। ଉଦ୍‌ଗିରଣରୁ ତୁରନ୍ତ ସୁନାମିର କୌଣସି ଆଶଙ୍କା ନ ଥିବା ସରକାର କହିଛନ୍ତି।

# ପାଲଘର ହସ୍ପିଟାଲ ଡାକ୍ତର ଓ କର୍ମଚାରୀଙ୍କୁ ଶିବସେନା କର୍ମୀଙ୍କ ଆକ୍ରମଣ

ମୁମ୍ବାଇ: ଦହିହାଣ୍ଡି କାର୍ଯ୍ୟକ୍ରମରେ ଆହତ ହୋଇଥିବା ପାଞ୍ଚ ଜଣଙ୍କୁ ଡିସଚାର୍ଜ କରିବା ନେଇ ବିବାଦ ପରେ ଶନିବାର ବିଳମ୍ବିତ ରାତିରେ ଏକନାଥ ସିନ୍ଦେ ଗୋଷ୍ଠୀର ଶିବସେନା କର୍ମୀମାନେ ପାଲଘରର ଏକ ଘରୋଇ ହସ୍ପିଟାଲ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିବରଣୀ ସମ୍ବନ୍ଧରେ ଅବଗତ ଲୋକଙ୍କ ଅନୁସାରେ, ହସ୍ପିଟାଲ କର୍ମଚାରୀ ଓ ଶିବସେନା କର୍ମୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପୁଲିସ ଏତଲା ରୁଜୁ କରି ବିସ୍ତୃତତଦନ୍ତକରୁଛି। ଏପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନାହିଁ। ଏହି ଘଟଣାଟି ରିଲିଫ୍ ହସ୍ପିଟାଲରେ ଘଟିଥିବା ଜଣାପଡ଼ିଛି। ହସ୍ପିଟାଲର ମାଲିକ ଡାକ୍ତର ବିଶାଲ କୋଡଗିରକର



ଅଭିଯୋଗ କରିଛନ୍ତି ଯେ, ଶିବସେନା ସମସ୍ତ ରୋଗୀଙ୍କ ଚିକିତ୍ସା ପାଇଁ ରିହାତି ଦାବି କରିଥିଲେ, ଯେଉଁଥିରେ ଏମ୍ ?ଆର୍ ?ଆଇ ଓ ସିଟି ସ୍କାନ ଅନ୍ତର୍ଭୁକ୍ତ ଥିଲା। ଆମେ ସେମାନଙ୍କୁ ୨୦% ରିହାତି ଦେଇଥିଲୁ କିନ୍ତୁ ସେମାନେ କମ୍ ଦେବାକୁ ଚାହୁଁଥିଲେ। ଆକ୍ରମଣ ପରେ ଏବେ ମୋର କର୍ମଚାରୀମାନେ ଭୟଭୀତ ହୋଇ ଘରେ ବସିଛନ୍ତି। ଶିବସେନା ଗୋଷ୍ଠୀ ଓ ଗୋବିନ୍ଦା ଦଳ ଆଇସିୟୁ ଭିତରକୁ ଜୋରଜବରଦସ୍ତ ପଶି ଯାଇଥିଲେ। ଡାକ୍ତର ଆହୁରି ଅଭିଯୋଗ କରିଛନ୍ତି ଯେ, ଜଣେ ମହିଳା ସହକର୍ମୀଙ୍କୁ ସେମାନେ ଦୁର୍ବ୍ୟବହାର କରିଥିଲେ। ଭାରତୀୟ ମେଡିକାଲ୍ ଆସୋସିଏସନ୍ (ଆଇଏମ୍ ?ଏ) ଓ ମୁମ୍ବାଇରେ ମୋର ଆଇନଗତ ଦଳ ସହିତ ସମ୍ପର୍କରେ ଅଛି ବୋଲି କହିଥିଲେ। ହସ୍ପିଟାଲର ବିଲିଂ ବିଭାଗର କର୍ମଚାରୀମାନେ ମାଲିକଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। କର୍ମଚାରୀ ଜଣକ କହିଛନ୍ତି, ସେନା ପାଲଘର ଜିଲ୍ଲା ମୁଖ୍ୟ କୁନ୍ଦନ ବାଳକୃଷ୍ଣ ସାଙ୍ଖେ ଏକ ଗୋଷ୍ଠୀ ସହିତ ହସ୍ପିଟାଲରେ ପହଞ୍ଚି ଜରୁରୀକାଳୀନ ବିଭାଗରେ ଡାକ୍ତର ଲିଜିମୋଲ ନାମକ ଜଣେ ଡାକ୍ତରଙ୍କୁ ଗାଳିଗୁଲଜ ଏପରିକି ହସ୍ପିଟାଲକୁ ଭାଙ୍ଗି ଦେବାକୁ ଧମକ ଦେଇଥିଲେ। ବିଶୃଙ୍ଖଳା ସମୟରେ ପାଲଘର ସହରର ମୁଖ୍ୟ ରାହୁଲ ଘରାଟ ତାଙ୍କୁ ଚାପୁଡ଼ା ମାରିଥିବା କର୍ମଚାରୀ ଜଣକ ଅଭିଯୋଗ କରିଛନ୍ତି।

## କାଲିଫର୍ଣ୍ଣିଆରେ ଭୟାବହ ବିମାନ ଦୁର୍ଘଟଣା; ୨ ମୃତ, ୨ ଗୁରୁତର

କାଲିଫର୍ଣ୍ଣିଆ : ଆମେରିକାର କାଲିଫର୍ଣ୍ଣିଆରେ ବଡ଼ ଅଘଟଣ । ଫ୍ରେସ୍ନୋର ଉତ୍ତର-ପଶ୍ଚିମ ଅଞ୍ଚଳରେ ଶନିବାର ଦିନ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଏବିସି-୩୦ ନ୍ୟୁଜ୍ ଅନୁସାରେ, ବ୍ଲାଇଥ୍ ଆଭେନ୍ୟୁରେ ଥିବା ସିଏରା ସ୍କାଏ ପାର୍କ ଏୟାରପୋର୍ଟ ନିକଟରେ ଏହି ଛୋଟ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ତେବେ ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଫ୍ରେସ୍ନୋ ପୋଲିସ୍, ଫ୍ରେସ୍ନୋ ଫାୟାର ଡିପାର୍ଟମେଣ୍ଟ, ଫ୍ରେସ୍ନୋ କାଉଣ୍ଟି ଶେରିଫ୍ ଅଫିସ୍, ପିଜି ଆଣ୍ଡ ଇ, ନର୍ଥ ସେଣ୍ଟ୍ରାଲ ଫାୟାର ଡିପାର୍ଟମେଣ୍ଟ ସମେତ ଅନେକ ଏଜେନ୍ସି ପହଞ୍ଚିଥିଲେ । ଅଧିକାରୀମାନେ ଘଟଣାସ୍ଥଳରେ ମୁତୟନ ହୋଇ ତଦନ୍ତ କରୁଛନ୍ତି । ବିମାନ ଦୁର୍ଘଟଣା ପରେ ଆଖପାଖ ଅଞ୍ଚଳରେ କିଛି ସମୟ ପାଇଁ ବିଦ୍ୟୁତ ସେବା ବନ୍ଦ ହୋଇଥିଲା । ପିଜି ଆଣ୍ଡ ଇର ଆଉଟେଜ୍ ମ୍ୟାପ୍ ଅନୁସାରେ, ପରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲା । ଏପର୍ଯ୍ୟନ୍ତ ମୃତକ କିମ୍ବା ଆହତଙ୍କ ପରିଚୟ ଅଧିକାରୀମାନେ ପ୍ରକାଶ କରିନାହାନ୍ତି । ସେହିପରି ଦୁର୍ଘଟଣାଗ୍ରସ୍ତ ବିମାନର ମଡେଲ ସମ୍ପର୍କରେ ମଧ୍ୟ କୌଣସି ସୂଚନା ମିଳିନାହିଁ । ଘଟଣାସ୍ଥଳରୁ ମିଳିଥିବା ମଲବା ଏବଂ ସମ୍ଭାବ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ସଂଗ୍ରହ କରି ତଦନ୍ତ ଜାରି ରଖିଛନ୍ତି ଅଧିକାରୀ । ସିଏରା ସ୍କାଏ ପାର୍କ ଏୟାରପୋର୍ଟ ନିକଟରେ ସୁରକ୍ଷାବଳ ମୁତୟନ ରହିଥିବା ବେଳେ ଏକାଧିକ ଏଜେନ୍ସି ମିଳିତ ଭାବେ ଘଟଣାର ତଦନ୍ତ କରୁଛନ୍ତି ।

## ନେପାଳ ବନ୍ୟା ପରେ ଭାରତ ବିରୋଧୀ ଅନଲାଇନ ଟିପ୍ପଣୀକୁ ସିଙ୍ଗାପୁର ମନ୍ତ୍ରୀଙ୍କ ତୀବ୍ର ନିନ୍ଦା

ସିଙ୍ଗାପୁର: ଭାରତ ଓ ଭାରତୀୟଙ୍କୁ ଟାର୍ଗେଟ କରି ଜାତିଭେଦ ଓ ବିଦେଶୀ ଲୋକଙ୍କ ବିରୋଧରେ ଅନଲାଇନରେ ଦିଆଯାଇଥିବା ମନ୍ତବ୍ୟକୁ ସିଙ୍ଗାପୁରର ବରିଷ୍ଠ ମନ୍ତ୍ରୀ କେ ଶନମୁଗମ 'ଲଜ୍ଜାଜନକ, କଦର୍ଯ୍ୟ, ସମ୍ପୂର୍ଣ୍ଣ ଭାବରେ ଅଗ୍ରହଣୀୟ' ବୋଲି କହି ନିନ୍ଦା କରିଛନ୍ତି। ଚୀନ-ନେପାଳ ବିପର୍ଯ୍ୟୟ ସମ୍ପର୍କରେ ଅନଲାଇନ୍ ପୋଷ୍ଟ ହୋଇଥିବା ମନ୍ତବ୍ୟଗୁଡ଼ିକର ପୁଲିସ ତଦନ୍ତ କରୁଛି ବୋଲି ଶନମୁଗମ ଶନିବାର କହିଛନ୍ତି। ଶନମୁଗମ କହିଛନ୍ତି, ଗଣମାଧ୍ୟମକୁ ଅନେକ ମନ୍ତବ୍ୟ ହଟାଇବାକୁ ପଡିଲା କାରଣ ସେଗୁଡ଼ିକ ଅତ୍ୟନ୍ତ ଖରାପ ଥିଲା। ସମସ୍ତ ମନ୍ତବ୍ୟ ସିଙ୍ଗାପୁରବାସୀ ଦେଇଛନ୍ତି କି



ନାହିଁ ମୁଁ ଜାଣିନାହିଁ, କିନ୍ତୁ ମୁଁ ଏହା କହିବି - ମନ୍ତବ୍ୟଗୁଡ଼ିକ ଲଜ୍ଜାଜନକ, ଖରାପ, ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ। ଶନ୍‌ମୁଗମ ସିଙ୍ଗାପୁରର ଗୃହ ମନ୍ତ୍ରୀ ଓ ଜାତୀୟ ସୁରକ୍ଷା ସମନ୍ୱୟ ମନ୍ତ୍ରୀ ଅଛନ୍ତି। ପୁଲିସକୁ ଏହି ମନ୍ତବ୍ୟ ଉପରେ ଦୃଷ୍ଟି ଦେବାକୁ ସେ କହିଛନ୍ତି। ଶନମୁଗମ କହିଛନ୍ତି ଯେ, ଡିଜିଟାଲ ବିକାଶ ଓ ସୂଚନା ମନ୍ତ୍ରଣାଳୟ ସେମାନଙ୍କର ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରୁଥିବା ମନ୍ତବ୍ୟଗୁଡ଼ିକୁ ହଟାଇବାକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ମଧ୍ୟ ଯୋଗାଯୋଗ କରିବ। ନେପାଳରେ ଘଟିଥିବା ଭୟଙ୍କର ବିପର୍ଯ୍ୟୟ ସମ୍ପର୍କରେ ଆଲୋଚନା ମଧ୍ୟରେ ଏହି ମନ୍ତବ୍ୟଗୁଡ଼ିକ ପ୍ରକାଶ ପାଇଛି।

## ଦିଲ୍ଲୀରେ ଛଅମହଲା କୋଠା ଭୁଶୁଡ଼ିଲା; ୩ ମୃତ

ନୂଆଦିଲ୍ଲୀ: ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ରବିବାର ଅପରାହ୍ଣରେ ଏକ ୬ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ଅତି କମ୍‌ରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଆଉ ଅନେକ ଭଗ୍ନାବଶେଷ ତଳେ ଫସିଥିବା ଆଶଙ୍କା କରାଯାଉଛି। ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ସତ୍ୟ ନିକେତନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ନିକଟରେ ଅବସ୍ଥିତ। ଛାତ୍ରଛାତ୍ରୀଙ୍କ ଭିଡ଼ ଥିବା ଏହି ଅଞ୍ଚଳରେ ଭୁଶୁଡ଼ିଥିବା କୋଠାଟି ଏକ ୭୫ ଶଯ୍ୟା ବିଶିଷ୍ଟ ପିଜି (ପେୟିଂ ଗେଷ୍ଟ) ସୁବିଧା ଭାବେ ବ୍ୟବହୃତ ହେଉଥିଲା। ରବିବାର ଅପରାହ୍ଣ ପ୍ରାୟ ୧ଟା ୩୦ରେ ଏହା ଭୁଶୁଡ଼ି ପଡ଼ିଥିଲା। କୋଠାର ମାଲିକ ଗୁରୁଗ୍ରାମରେ ରହୁଥିବା ଜଣାପଡ଼ିଛି। ସ୍ଥାନୀୟ ଯାଞ୍ଚରୁ କୋଠାଟି ପ୍ରାୟ ୪୦ରୁ ୫୦ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଏଥିରେ ଏକ ବେସ୍‌ମେଣ୍ଟ ସହ ୫ଟି ଉପର ମହଲା ଥିଲା। ଘଟଣା ସମୟରେ



ବେସ୍‌ମେଣ୍ଟରେ ମରାମତି କାମ ଚାଲିଥିଲା ବୋଲି ପୁଲିସ କହିଛି। ଉଦ୍ଧାର କାର୍ଯ୍ୟରେ ଦିଲ୍ଲୀ ପୁଲିସ, ଏନ୍‌ଡିଆର୍‌ଏଫ୍, ଦିଲ୍ଲୀ ଅଗ୍ନିଶମ ସେବା ଓ ଡିଡିଏମ୍‌ଏର ଟିମ୍ ନିୟୋଜିତ ହୋଇଛନ୍ତି। ୧୨ଟି ଅଗ୍ନିଶମ ଗାଡ଼ି, କ୍ୟାଟ୍ସ ଆମ୍ବୁଲାନ୍ସ ଓ ଖନନ ଯନ୍ତ୍ର ଘଟଣାସ୍ଥଳରେ ପହଞ୍ଚିଛି। ଭଗ୍ନାବଶେଷ ହଟାଇବା ପାଇଁ ଆହୁରି ଯନ୍ତ୍ରପାତି ଅଣାଯାଉଛି। ଭିଡ଼ ନିୟନ୍ତ୍ରଣ ପାଇଁ ଦଙ୍ଗା ନିୟନ୍ତ୍ରଣ ଦଳକୁ ମଧ୍ୟ ଡକାଯାଇଛି। ଘଟଣାସ୍ଥଳରେ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, କୋଠା ଭୁଶୁଡ଼ିବା ସମୟରେ ପ୍ରାୟ ୫୦ ଜଣ ଛାତ୍ର ଭିତରେ ଥିଲେ। ରବିବାର ଥିବାରୁ ଅଧିକାଂଶ ଛାତ୍ର ନିଜ ଘରେ ଥିବା ସେ କହିଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଉଦ୍ଧାରକାରୀ ଦଳ ଓ ଯନ୍ତ୍ରପାତି ପହଞ୍ଚିବା ପୂର୍ବରୁ ହାତରେ ଭଗ୍ନାବଶେଷ ହଟାଇବା ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଥିବା କହିଛନ୍ତି। ସତର୍କତାମୂଳକ ପଦକ୍ଷେପ ଭାବେ ନିକଟସ୍ଥ କୋଠାକୁ ଖାଲି କରାଯାଇଛି। ଦିଲ୍ଲୀର ଉପରାଜ୍ୟପାଳ ତରନଜିତ ସିଂହ ସାନ୍ଧୁ ମଧ୍ୟ ସମସ୍ତ ସଂସ୍ଥାକୁ ସମନ୍ୱୟ ରଖି ଦ୍ରୁତ ଉଦ୍ଧାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ମଣିପୁରରେ ସେନା ଏବଂ ଆସାମ ରାଇଫଲ୍ସର ମିଳିତ ଅପରେସନ: ୨ ୟୁକେଏନଏ ଉଗ୍ରବାଦୀ ନିହତ, ୨ ଆହତ

ଇମ୍ଫାଲ:ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାରେ ଭାରତୀୟ ସେନା ଏବଂ ଆସାମ ରାଇଫଲ୍ସର ମିଳିତ ଅଭିଯାନ ସମୟରେ ଏନକାଉଣ୍ଟରରେ ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି(ୟୁକେଏନଏ)ର ଦୁଇ ଜଣ ଉଗ୍ରବାଦୀ ନିହତ ହୋଇଛନ୍ତି ଏବଂ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀ ଘଟଣାସ୍ଥଳରୁ ବିପୁଳ ପରିମାଣର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ସାମରିକ ସାମଗ୍ରୀ ଜବତ କରିଛନ୍ତି। ଗୁଇନ୍ଦା ସୂଚନା ଆଧାରରେ, ସୁରକ୍ଷା ବାହିନୀ ଅଗଷ୍ଟ ୨୯ ରାତିରେ ଚୁରାଚାନ୍ଦପୁର ଜିଲ୍ଲାର ହେଙ୍ଗଲେପ୍ ଉପ-ବିଭାଗର ଫାଇବୋଙ୍ଗ ଗାଁରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ଗାଁରେ ଅବସ୍ଥିତ ଏକ ୟୁକେଏନଏ ଗୁପ୍ତ ଶିବିର ଉପରେ କଡ଼ା ନଜର ରଖାଯାଇଥିଲା ? ?ଏବଂ ସେପ୍ଟେମ୍ବର ୨ ସକାଳ ୫ ଟାରୁ ରଣନୀତିକ ଭାବରେ ଶିବିରକୁ ଘେରିବା ଆରମ୍ଭ କରାଯାଇଥିଲା। ସକାଳ ସାଢ଼େ ୫ରେ ସୁରକ୍ଷା ବାହିନୀ ଆସୁଥିବା ଦେଖି ୟୁକେଏନଏ କ୍ୟାଡରମାନେ ଅଚାନକ ଗୁଳି ଚାଳନା କରିଥିଲେ। ଭାରତୀୟ ସେନା ଏବଂ ଆସାମ ରାଇଫଲ୍ସ ସୈନ୍ୟମାନେ ଏହାର ଜବାବରେ ପାଲଟା ଗୁଳି ଚାଳନା କରିଥିଲେ। ଶନିବାର ରାତିରେ ଆସାମ ରାଇଫଲ୍ସ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏହା ନିଶ୍ଚିତ କରିଛି। ଏନକାଉଣ୍ଟର ପରେ ଶିବିରରେ ତଲାସୀ ସମୟରେ ସୁରକ୍ଷା ବାହିନୀ ବିପୁଳ ପରିମାଣର ଘାତକ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ କରିଛନ୍ତି। ସେଥିମଧ୍ୟରେ ୨ଟି ଏମଏ ରାଇଫଲ୍ସ,ଗୋଟିଏ ଏକେ-୫୬ ରାଇଫଲ୍,ଗୋଟିଏ ଲାଥୋଡ୍ ବନ୍ଧୁକ ଏବଂ ୭ଟି ଲାଥୋଡ୍ ଗ୍ରେନେଡ୍, ୧୫ଟି ଏକେ ମାଗାଜିନ୍, ୩୭୧ ଏକେ-୫୬ ରାଉଣ୍ଡ ଏବଂ ୬୦୧ ଏମଏ ରାଇଫଲ୍ ରାଉଣ୍ଡ, ୧୭୨ ଏସଏଲଆର ରାଉଣ୍ଡ, ୧୫ ପୋଷାକ ଏବଂ ୭ ଗୁଳି ପାଉଚ୍ ପ୍ରଭୃତି ରହିଛି। ଆସାମ ରାଇଫଲ୍ସ ଅନୁଯାୟୀ, ଅଞ୍ଚଳର ଆଖପାଖ ଜଙ୍ଗଲରେ ଏବେ ବି ସର୍ଚ୍ଚ ଅପରେସନ୍ ଜାରି ରହିଛି।

## ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ୧୧ରେ ଦିଲ୍ଲୀର ସବୁ ସ୍କୁଲ୍ ବନ୍ଦ

ନୂଆଦିଲ୍ଲୀ: ଆଗାମୀ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀ ଦିଲ୍ଲୀରେ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେପ୍ଟେମ୍ବର ୧୧ ତାରିଖରେ ସମସ୍ତ ସ୍କୁଲ୍ ବନ୍ଦ ରହିବ। ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ସରକାରୀ ନିର୍ଦ୍ଦେଶନାମାରେ ଶନିବାର ଏହି ଛୁଟି ଘୋଷଣା କରାଯାଇଛି। ସ୍କୁଲ୍ ସହ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ମଧ୍ୟ ସେପ୍ଟେମ୍ବର ୧୧ରେ ବନ୍ଦ ରହିବ। ବ୍ରିକ୍ସ ଶିଖର ସମ୍ମିଳନୀର ଠିକ୍ ପୂର୍ବଦିନ ଏହି ଛୁଟି ଘୋଷଣା କରାଯାଇଛି। ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ଓ ଯାତାୟାତ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ବିଦେଶୀ ପ୍ରତିନିଧି ଓ ଅତିଥିମାନଙ୍କ ଗାଡ଼ି ଚଳାଚଳ ଏବଂ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଯାତାୟାତ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ସ୍କୁଲ୍ ଓ ଶିକ୍ଷା ନିର୍ଦ୍ଦେଶାଳୟର କାର୍ଯ୍ୟାଳୟଗୁଡ଼ିକୁ ଗୋଟିଏ ଦିନ ପାଇଁ ବନ୍ଦ ରଖିବା ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୧୧ ଶୁକ୍ରବାର ପଡୁଥିବାରୁ ଏହା ପରେ ଦୁଇଦିନ ସପ୍ତାହାନ୍ତ ଛୁଟି ମଧ୍ୟ ରହିବ।

# ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କଲେ ନେପାଳ-ଦକ୍ଷିଣ କୋରିଆ

କାଠମାଣ୍ଡୁ: ଭୟଙ୍କର ବନ୍ୟାରେ ନେପାଳରେ ୧୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏବଂ ପ୍ରାୟ ୫ ହଜାର ଲୋକ ନିଖୋଜ ହେବା ପରେ ରବିବାର ନେପାଳ ଓ ଦକ୍ଷିଣ କୋରିଆ ମଧ୍ୟରେ ଉଦ୍ଧାର, ରିଲିଫ୍ ଓ ପୁନର୍ନିର୍ମାଣ କାର୍ଯ୍ୟ ନେଇ ଆଲୋଚନା ହୋଇଛି। କାଠମାଣ୍ଡୁରେ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ ଓ ଦକ୍ଷିଣ କୋରିଆର ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ୍‌ଙ୍କ ମଧ୍ୟରେ ଏହି ଆଲୋଚନା ହୋଇଥିଲା। ନେପାଳ ବୈଦେଶିକ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁସାରେ, ଉଭୟ ମନ୍ତ୍ରୀ ବନ୍ୟା ପରେ ଚାଲିଥିବା ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷକରି ନିଖୋଜ ଦକ୍ଷିଣ କୋରିଆ ନାଗରିକଙ୍କ ସନ୍ଧାନ ଉପରେ ଆଲୋଚନା ହୋଇଥିଲା। ତୁରନ୍ତ ମାନବିକ ସହାୟତା ସହ ନେପାଳର ପୁନର୍ନିର୍ମାଣ ଆବଶ୍ୟକତା ମଧ୍ୟ ଆଲୋଚନାର ମୁଖ୍ୟ ବିଷୟ ଥିଲା। ବନ୍ୟା ପରେ ଦକ୍ଷିଣ କୋରିଆ ଏକ ସଂସ୍ଥା ତ୍ୱରିତ ପ୍ରତିକ୍ରିୟା ଦଳ ଓ କୋରିଆ ବିପର୍ଯ୍ୟୟ ରିଲିଫ୍ ଦଳକୁ ନେପାଳ ପଠାଇଥିଲା। ଏଥିସହ ରିଲିଫ୍ ସାମଗ୍ରୀ ଓ ମାନବିକ ସହାୟତା ମଧ୍ୟ ଯୋଗାଇଛି। ଏଥିପାଇଁ ଖନାଲ ଦକ୍ଷିଣ କୋରିଆକୁ ଧନ୍ୟବାଦ ଜଣାଇଥିଲେ। ଖନାଲ କହିଥିଲେ ଯେ, ନେପାଳର ପ୍ରାଥମିକତା ହେଉଛି ଦୃଢ଼ ଓ ଦୀର୍ଘସ୍ଥାୟୀ ଭିତ୍ତିଭୂମିର ପୁନର୍ନିର୍ମାଣ। ଏଥିପାଇଁ ଦକ୍ଷିଣ କୋରିଆର ଆଗାମୀ ସହଯୋଗ ଜାରି ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଚୋ ହ୍ୟୁନ୍ ନେପାଳର ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ନିର୍ମାଣରେ କୋରିଆ ସରକାର ସହଯୋଗ କରିବାକୁ ଇଚ୍ଛୁକ ବୋଲି କହିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ନେପାଳ ଭଳି ଦେଶଗୁଡ଼ିକ ଭୋଗୁଥିବା କ୍ଷତି ପାଇଁ ବିଶ୍ୱ ସମୁଦାୟର ଐତିହାସିକ ଦାୟିତ୍ୱ ରହିଛି ବୋଲି ଚୋ କହିଥିଲେ। ଏହି ପ୍ରସଙ୍ଗକୁ ବିଶ୍ୱସ୍ତରୀୟ ମଞ୍ଚ, ବିଶେଷକରି 'କୋପ୍'ରେ ଉଠାଇବା ପାଇଁ ନେପାଳ ଓ ଦକ୍ଷିଣ କୋରିଆ ମିଳିତ ଭାବେ କାମ କରିବେ ବୋଲି ସେ କହିଥିଲେ। ଏଥିସହ ନେପାଳକୁ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ମିଳିବାକୁ ଥିବା ଆର୍ଥିକ ସହାୟତା ପ୍ରସଙ୍ଗ ମଧ୍ୟ ଦକ୍ଷିଣ କୋରିଆ ଉଠାଇବ ବୋଲି ସେ କହିଥିଲେ।

## ୨୦୨୯ ସୁଦ୍ଧା ଭାରତ ନିଶାମୁକ୍ତ ହେବ: ଅମିତ ଶାହ

ନୂଆଦିଲ୍ଲୀ: ୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢ଼େଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢ଼େଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି। ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା 'ନିଶାମୁକ୍ତ ଯୁବ ଶକ୍ତି' ଭାରତକୁ 'ବିକଶିତ ଭାରତ' ଆଡକୁ ନେଇଯିବ। ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ। ୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ। ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି। ଶାହ କହିଛନ୍ତି, ସରକାର ଏନ୍‌ସିଆରଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ 'ମାନସ୍' ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି। ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି। ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି।

## ଲଣ୍ଡନଗାମୀ ବିମାନର ବେଙ୍ଗାଲୁରୁରେ ଜରୁରୀ ଅବତରଣ

ବେଙ୍ଗାଲୁରୁ: ବେଙ୍ଗାଲୁରୁରୁ ଲଣ୍ଡନ ଯାଉଥିବା ଭର୍ଜିନ୍ ଆଟ୍ଲାଣ୍ଟିକ୍‌ର ଏକ ଯାତ୍ରୀବାହୀ ବିମାନରେ ଉଡ଼ାଣର କିଛି ସମୟ ପରେ ବୈଷୟିକ ତ୍ରୁଟି ଦେଖାଦେବାରୁ ରବିବାର ଏହାକୁ ବେଙ୍ଗାଲୁରୁ ବିମାନବନ୍ଦରକୁ ଫେରାଇ ଅଣାଯାଇଛି। ବିମାନଟି କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିବା ବେଙ୍ଗାଲୁରୁ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ବିଆଇଏଏଲ୍) ସୂତ୍ରରୁ ଜଣାପଡ଼ିଛି। ବିମାନରେ ପ୍ରାୟ ୨୭୦ ଜଣ ଯାତ୍ରୀ ଥିଲେ ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି। ସୂଚନା ଅନୁସାରେ, ବିମାନଟି ରବିବାର ସକାଳ ପ୍ରାୟ ୮ଟା ୨୦ରେ କେମ୍ପେଗୌଡ଼ା ବିମାନବନ୍ଦରରୁ ଲଣ୍ଡନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଉଡ଼ାଣର କିଛି ସମୟ ପରେ ବିମାନରେ ବୈଷୟିକ ସମସ୍ୟା ଦେଖାଦେଇଥିଲା। ଏହାପରେ ପାଇଲଟ୍ ବିମାନକୁ ତୁରନ୍ତ ବେଙ୍ଗାଲୁରୁକୁ ଫେରାଇ ଆଣିବା ପରିବର୍ତ୍ତେ ତୁମକୁର ନିକଟ ଆକାଶରେ ୩୦ ମିନିଟ୍‌ରୁ ଅଧିକ ସମୟ ଚକ୍କର କାଟିଥିଲେ।

# ନେପାଳ ବନ୍ୟାରେ ନିଖୋଜଙ୍କୁ ଖୋଜିବାର ଶେଷ ଆଶା ଡିଏନ୍ଏ ପରୀକ୍ଷା

କାଠମାଣ୍ଡୁ: ନେପାଳରେ ଅଗଷ୍ଟ ୨୬ରେ ଘଟିଥିବା ଭୟଙ୍କର ଆକସ୍ମିକ ବନ୍ୟାରେ ମୃତ୍ୟୁସଂଖ୍ୟା ୧୩୦୦ରୁ ଅଧିକ ହୋଇଥିବାବେଳେ ପ୍ରାୟ ୫୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ନିଖୋଜଙ୍କ ପରିବାର ନିଜ ଲୋକଙ୍କ ଭାଗ୍ୟ ଜାଣିବା ପାଇଁ ଅପେକ୍ଷା କରିଥିବାବେଳେ ମୃତଦେହ ଚିହ୍ନଟରେ ଡିଏନ୍ଏ ପରୀକ୍ଷା ଏବେ ଶେଷ ଆଶା ପାଲଟିଛି।

ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମା ନିକଟରେ ଗ୍ଲେସିୟର ଭୁଶୁଡ଼ି ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ହିମାଳୟ ଅଞ୍ଚଳରୁ ଦକ୍ଷିଣକୁ ପ୍ରବାହିତ ଭୋଟେକୋଶୀ ନଦୀର ବନ୍ୟାଜଳ ଉତ୍ତର ଓ ମଧ୍ୟ ନେପାଳର ବହୁ ସହର ଓ ଗାଁକୁ ଭସାଇ ନେଇଥିଲା। ଘର, ଗାଡ଼ି, ରାସ୍ତା ଓ ବ୍ରିଜ୍ ସହ ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା।



ବନ୍ୟାଜଳରେ ଭାସି ଆସିଥିବା ଅନେକ ମୃତଦେହ ଅତ୍ୟନ୍ତ ବିକୃତ ହୋଇଯାଇଛି। କେତେକ ଦେହ ଦୀର୍ଘ ସମୟ ପାଣି, କାଦୁଅ ଓ ଆବର୍ଜନା ମଧ୍ୟରେ ରହିବାରୁ ମୁହଁ, ପୋଷାକ କିମ୍ବା ଅନ୍ୟ ପରିଚୟ ଚିହ୍ନ ନଷ୍ଟ ହୋଇଛି। କେତେକ ମୃତଦେହର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ଅଲଗା ହୋଇଯାଇଛି। ତେଣୁ ଚେହେରା, ପୋଷାକ, ଆଙ୍ଗୁଠିଛାପ କିମ୍ବା ଦାନ୍ତର ରେକର୍ଡ ଆଧାରରେ ଚିହ୍ନଟ କରିବା ସବୁବେଳେ ସମ୍ଭବ ହେଉନାହିଁ। ନେପାଳ ପୁଲିସ ଏ ପର୍ଯ୍ୟନ୍ତ ୨୨୭୨ଟି ଡିଏନ୍ଏ ନମୁନା ସଂଗ୍ରହ କରିଛି। ସେଥିରୁ ୧୨୬୦ଟି ମୃତଦେହର ଏବଂ ୧୦୧୨ଟି ନିଖୋଜଙ୍କ ସମ୍ପର୍କୀୟଙ୍କର। ଡିଏନ୍ଏ ନମୁନା ସଂଗ୍ରହ ପରେ ୧୦୩୦ଟି ମୃତଦେହକୁ ସମାଧି ଦିଆଯାଇଛି। ସେଥିରେ ୨୨୨ ମହିଳା, ୩୫୫ ପୁରୁଷ ଥିବାବେଳେ ୪୫୩ ଜଣଙ୍କ ଲିଙ୍ଗ ଚିହ୍ନଟ ହୋଇପାରିନାହିଁ। ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ୯୬ଟି ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ନେପାଳ ପୁଲିସ ହସ୍ପିଟାଲର ଉପମହାନିରୀକ୍ଷକ ଦାମୋଦର ପୌଡେଲ କହିଛନ୍ତି, ମୃତଦେହ ଚିହ୍ନଟ କରିବାରେ ଡିଏନ୍ଏ ପରୀକ୍ଷା ବେଶ୍ ଉପଯୋଗୀ ହେବ। ମାତାପିତା, ସନ୍ତାନ ଓ ଭାଇଭଉଣୀଙ୍କ ଭଳି ନିକଟ ସମ୍ପର୍କୀୟଙ୍କ ନମୁନା ମିଳିଲେ ଚିହ୍ନଟ ପ୍ରକ୍ରିୟା ଅଧିକ ସହଜ ହୋଇଥାଏ। ନିଖୋଜଙ୍କ ପରିବାରକୁ ସୁବିଧା ଦେବା ପାଇଁ ନୱାକୋଟର ବିଦୁରରେ ଡିଏନ୍ଏ ନମୁନା ସଂଗ୍ରହ କେନ୍ଦ୍ର ମଧ୍ୟ ଖୋଲାଯାଇଛି। ନେପାଳ ପୁଲିସ ୧୨୭୦ଟି ଅଚିହ୍ନା ମୃତଦେହର ବିବରଣୀ ୱେବସାଇଟ୍‌ରେ ରଖିଛି, ଯାହା ଦେଖି ପରିବାର ନିଜ ଲୋକଙ୍କ ସମ୍ପର୍କରେ ସୂଚନା ପାଇପାରିବେ।

# ଦଲିପ ଟ୍ରଫି ଫାଇନାଲରେ କିଶନଙ୍କ ଶତକ





ନୂଆଦିଲ୍ଲୀ: ଦଲିପ ଟ୍ରଫି ୨୦୨୬ର ଫାଇନାଲ ମୁକାବିଲରେ ସାଉଥ୍ ଜୋନ ବିପକ୍ଷରେ ଇଷ୍ଟ ଜୋନ୍ ପ୍ରଥମ ଦିନରେ ଦମଦାର ପ୍ରଦର୍ଶନ କରିଛି। ଇଷ୍ଟ ଜୋନ୍ ପ୍ରଥମ ଦିନରେ ୪ଟି ୱିକେଟ୍ ହରାଇ ୩୮୫ ରନ୍ ସଂଗ୍ରହ କରିଛି। ଏଥିରେ ଗୋଟିଏ ଶତକ ସହ ୩ ଅର୍ଦ୍ଧଶତକ ଦେଖିବାକୁ ମିଳିଛି। ଅଧିନାୟକ ଇଶାନ କିଶନ ଅଧିନାୟକର ପାଳି ଖେଳିଛନ୍ତି। ପଡିଆରେ ସେ ଛକା-ଚୌକା ବର୍ଷା କରିଛନ୍ତି। ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଇଶାନ ବିସ୍ଫାରକ ବ୍ୟାଟିଂ ସହିତ ୧୨୨ଟି ବଲ୍ ସାମ୍ନା କରି ଶତକ ହାସଲ କରିଛନ୍ତି।

ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ପଡିଆରେ ଓହ୍ଲାଇଥିବା ନିଜର ଦଳ ପାଇଁ ସେ ୫ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ଶ୍ରେୟସ ଗୋପାଳଙ୍କ ଓଭରର ପ୍ରଥମ ବଲ୍‌ରେ ଚେକା ମାରି ନିଜର ଶତକ ହାସଲ କରିଥିଲେ। ନିଜର ଏହି ଆକ୍ରମଣାତ୍ମକ ଇନିଂସରେ ସେ ଏପର୍ଯ୍ୟନ୍ତ ୧୪ଟି ଚେକା ଏବଂ ଗୋଟିଏ ଛକା ମାରିଛନ୍ତି। ଅନ୍ୟପଟରେ ମହମ୍ମଦ ସିରାଜ ୱିକେଟ୍ ପାଇଁ ବ୍ୟାକୁଳ ହୋଇଉଠିଛନ୍ତି। ଇଶାନ କିଶନଙ୍କ ଏହି ଶତକ କେବଳ ଦଲିପ ଟ୍ରଫି ଇତିହାସରେ ତାଙ୍କର ଦ୍ୱିତୀୟ ଶତକ ନୁହେଁ, ବରଂ ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟରରେ ତାଙ୍କର ଦଶମ ଶତକୀୟ ଇନିଂସ। ଟୁର୍ଣ୍ଣାମେଣ୍ଟର କ୍ୱାଟର ଫାଇନାଲ ଏବଂ ସେମିଫାଇନାଲରେ ସେ ନିଜର ବ୍ୟାଟିଂ ବଳରେ ଦଳ ପାଇଁ ଭଲ ଯୋଗଦାନ ଦେଇଥିଲେ। ସେ ନିଜର ରାଜ୍ୟ ଝାଡଖଣ୍ଡର ସାଥୀ ଖେଳାଳି କୁମାର କୁଶାଗ୍ରଙ୍କ ସହିତ ମିଶି ପଞ୍ଚମ ୱିକେଟ୍‌ରେ ୧୪୬ଟି ବଲ୍‌ରୁ ୧୩୩ ରନ୍‌ର ଭାଗିଦାରୀ କରିଥିଲେ। ଏହି ଭାଗିଦାରୀ ବଳରେ ଇଷ୍ଟ ଜୋନ୍ ଦୃଢ଼ ସ୍ଥିତିରେ ପହଞ୍ଚିଛି। ଇଶାନଙ୍କ ଏହି ବିସ୍ଫାରକ ଶତକ ପୂର୍ବରୁ ୨୧ ବର୍ଷୀୟ ଯୁବ ବ୍ୟାଟର ଶିଖର ମୋହନ ମଧ୍ୟ ନିଜର ପଦାର୍ପଣ ମ୍ୟାଚ୍‌କୁ ସ୍ୱତନ୍ତ୍ର ଶୈଳୀରେ ଖେଳିଛନ୍ତି। ରାଚୀ ବାସିନ୍ଦା ଏହି ବାମହାତୀ ଖେଳାଳି ବିରାଟ ସିଂହଙ୍କ ସ୍ଥାନରେ ଚୂଡାନ୍ତ ଏକାଦଶରେ ସାମିଲ ହୋଇଛନ୍ତି। ସେ ଏହି ସୁଯୋଗକୁ ହାତ ଛଡା କରିନାହାନ୍ତି। ସେ ୧୨୦ଟି ବଲ୍ ସାମ୍ନା କରିଥିଲେ ଏବଂ ଏଥିରୁ ୯ଟି ଚେକା ଏବଂ ୩ଟି ଛକା ବଳରେ ୮୫ ରନ୍ କରିଥିଲେ। ଇଷ୍ଟ ଜୋନ୍‌ର ପ୍ରାରମ୍ଭିକ ଇନିଂସ ଭଲ ରହିଛି। ଅଭିମନ୍ୟୁ ଈଶ୍ୱରନଙ୍କର ବ୍ୟାଟିଂ ମଧ୍ୟ ଭଲ ଥିଲା, ଯିଏ ୮୬ଟି ବଲ୍‌ରୁ ୭୨ ରନ୍ ସଂଗ୍ରହ କରିଥିଲେ। ତାଙ୍କ ବ୍ୟତୀତ ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୩୭ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ।

## ସାହାଣୀ କପ୍ ଫୁଟବଲ ପାଇଁ ଚୟନ ଶିବିର


ମାଲକାନଗିରି,୬।୯: ମାଲକାନଗିରି ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଜିଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କ୍ରୀଡ଼ାବିତମାନେ ଏହି ଚୟନ ଶିବିରରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନ୍ନା ତୁରୁକ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଶୃଙ୍ଖଳାର ସହ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଜିଲ୍ଲାର



ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲ୍ଲା ଆଥଲେଟିକ ଆସୋସିଏସନର ସମ୍ପାଦକ ରାମହରି ପଣ୍ଡା ଓ କୋଷାଧ୍ୟକ୍ଷ ଏସ୍ ?. ପ୍ରସାଦ ରାଓ ଯୋଗଦେଇ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ଚୟନ ଶିବିରରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ମୋଟ ୧୨୦ ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୦ ଜଣଙ୍କୁ ଚୟନ କରାଯାଇଛି। ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟ ଚୟନରେ ଏହି ୩୦ ଜଣଙ୍କ ମଧ୍ୟରୁ ୨୦ ଜଣ କ୍ରୀଡ଼ାବିତଙ୍କୁ ଅନ୍ତିମ ଭାବେ ଚୟନ କରାଯିବ। ଚୟନିତ ୨୦ ଜଣ କ୍ରୀଡ଼ାବିତ ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

## ପଥିରାଗେ ଜିତିଲେ ଡାଇମଣ୍ଡ ଲିଗ୍ ଫାଇନାଲ୍


ବ୍ରସେଲ୍ସ,: ଶ୍ରୀଲଙ୍କାର ରୁମେଶ ଥରାଙ୍ଗା ପଥିରାଗେ ଏଠାରେ ଆୟୋଜିତ ଡାଇମଣ୍ଡ ଲିଗ୍ ଫାଇନାଲ୍‌ର ପୁରୁଷ ଜାଭ୍‌ଲିନ୍ ଥ୍ରୋ'ରେ ବିଜେତା ହୋଇଛନ୍ତି। ଚଳିତ ବର୍ଷ ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିଥିବା ଏହି ୨୩ ବର୍ଷୀୟ ସିଂହଳୀ ଜାଭ୍‌ଲିନ୍ ଫିଙ୍ଗାଳି ୮୯.୦୪ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ସେ ଶ୍ରୀଲଙ୍କାର ପ୍ରଥମ ଆଥ୍‌ଲେଟ୍ ଭାବେ ଡାଇମଣ୍ଡ ଲିଗ୍ ଫାଇନାଲ୍‌ର ପୁରୁଷ ଜାଭ୍‌ଲିନ୍ ଥ୍ରୋରେ ବିଜେତା ହେବାର ଗୌରବ ଅର୍ଜନ



କରିଛନ୍ତି। ପ୍ରଥମ ଦୁଇ ରାଉଣ୍ଡରେ ପଥିରାଗେ ୮୦.୪୨ ଓ ୭୯.୭୩ ଥ୍ରୋ କରିଥିଲେ। ହେଲେ ତୃତୀୟ ରାଉଣ୍ଡରେ ସେ ୮୯.୦୪ ମିଟର ଥ୍ରୋ କରି ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ। ପୋଲାଣ୍ଡର ଡାଓ୍ୱିଡ ୱେଗନର (୮୭.୪୭ ମିଟର) ଦ୍ୱିତୀୟ ଏବଂ ପୂର୍ବତନ ଅଲିମ୍ପିକ୍ ବିଜେତା ତ୍ରିନିଦାଦ ଓ ଟୋବାଗୋର କେଶୋର୍ନ ୱାଲକଟ୍ (୮୩.୯୯ ମିଟର) ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ପଥିରାଗେ ୪ ଡାଇମଣ୍ଡ ଲିଗ୍ ରୋମ (୯୨.୬୨ ମିଟର), ଦୋହା (୮୮.୬୮ ମିଟର), ଲେସାନେ (୮୮.୧୪ ମିଟର) ଓ ଜୁରିକ୍ (୯୨.୦୭ ମିଟର)ରେ ବିଜେତା ଏବଂ ସିଲେସିଆରେ ଉପବିଜେତା ହୋଇଥିଲେ। ଚଳିତ ବର୍ଷ ଏହା ତାଙ୍କର ଦ୍ୱିତୀୟ ବଡ ମୁକୁଟ। ରାଜଗୋଷ୍ଠୀ କ୍ରୀଡାରେ ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ସେ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ବର୍ଷ ପଥିରାଗେ ୧୦ ପ୍ରତିଯୋଗିତାରେ ଭାଗ ନେଇଥିଲା ବେଳେ ୮ଟିରେ ବିଜେତା ହୋଇଥିଲେ। ଏହାମଧ୍ୟରୁ ୨ ଥର ୯୨ ମିଟର ଥ୍ରୋ ପାର୍ କରିଛନ୍ତି। ସଂପ୍ରତି ସେ ମଧ୍ୟ ବିଶ୍ୱ ମାନ୍ୟତାରେ ଶୀର୍ଷରେ ରହିଛନ୍ତି। ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ଭାରତର ନୀରଜ ଚୋପ୍ରା ଆହତ ଯୋଗୁଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନଥିଲେ। ନୀରଜ ମଧ୍ୟ ଏସୀୟ କ୍ରୀଡାରୁ ଓହରି ଯାଇଛନ୍ତି। ଫଳରେ ଏସୀୟ କ୍ରୀଡାରେ ପଥିରାଗେଙ୍କ ପ୍ରତିଦ୍ୱନ୍ଦ୍ୱିତା ବିଶେଷ କରି ଅଲିମ୍ପିକ୍ସ ବିଜେତା ପାକିସ୍ତାନର ଅର୍ଶଦ ନଦୀମଙ୍କ ସହ ହେବ।

# ଏକାଠି ଖେଳିବେ ମେସି, ରୋନାଲ୍‌ଡୋ

ନୂଆଦିଲ୍ଲୀ:ଆର୍ଜେଣ୍ଟିନା ଓ ପର୍ତ୍ତୁଗାଲ୍‌ର ଦୁଇ ମହାନ୍ ଫୁଟ୍‌ବଲର୍ ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ମହାମିଳନ ଚଳିତ ବର୍ଷ ଡିସେମ୍ବରରେ ହେବାକୁ ଯାଉଛି। ଆର୍ଜେଣ୍ଟିନାର କିଂବଦନ୍ତି କାର୍ଲୋସ ତେଭେଜଙ୍କ ବହୁପ୍ରତୀକ୍ଷିତ ବିଦାୟୀ ମ୍ୟାଚ୍ ଲାଗି ଅଧୁନିକ ଯୁଗର ଏହି ମହାନ ତାରକାଙ୍କୁ ନିମନ୍ତ୍ରଣ କରାଯାଇଛି। ଉଭୟ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି। ଏହି ମ୍ୟାଚ୍ ଖେଳି ତେଭେଜ ନିଜ କ୍ୟାରିୟର ଆରମ୍ଭ କରିଥିବା ଆର୍ଜେଣ୍ଟିନା ବୋକା ଜୁନିୟରଠାରେ ନିଜର ପେସାଗତ ଫୁଟ୍‌ବଲ୍‌କୁ ଗୁଡ୍‌ବାଏ କରିବେ। ଏହି ୪୨ ବର୍ଷୀୟ ପ୍ରାୟ ୩ ବର୍ଷ ହେବ ପେସାଗତ ଫୁଟ୍‌ବଲ୍ ଖେଳି ନାହାନ୍ତି। କିନ୍ତୁ ବୋକା'ର ଐତିହାସିକ ଲା ବୋମ୍ବୋନେରାରେ ତାରକା ଖେଳାଳିଙ୍କ ସହ ନିଜ ଫୁଟ୍‌ବଲ୍ ଖେଳ ଜୀବନ ଶେଷ



କରିବାକୁ ଲକ୍ଷ୍ୟ ରଖିଛନ୍ତି ତେଭେଜ। ଡିସେମ୍ବର ମଧ୍ୟଭାଗରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ୬୦ ଜଣ ଏଲିଟ୍ ଫୁଟ୍‌ବଲର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚୂଡାନ୍ତ ତାରିଖକୁ ନେଇ ବୋକା ସହ ତେଭେଜଙ୍କ ଆଲୋଚନା ଜାରି ରହିଛି। ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ଜୁଭେଣ୍ଟସ୍ ଫରୱାର୍ଡ ସମାନ ପିଚ୍‌ରେ ମେସି ଓ ରୋନାଲ୍‌ଡୋଙ୍କ ଉପସ୍ଥିତ ଆଶା ରଖିଛନ୍ତି। ଏକ ସାକ୍ଷାତକାରରେ ତେଭେଜ କହିଛନ୍ତି, ''ଆମେ ସେମାନଙ୍କୁ ଏକାଠି କରିବୁ। ମୁଁ ବ୍ୟକ୍ତିଗତ ଭାବେ ସେମାନଙ୍କୁ ପାଖକୁ ଯିବି''। ମେସିଙ୍କ ସହ ଆର୍ଜେଣ୍ଟିନା ଦଳରୁ ତେଭେଜ ଖେଳିଥିଲା ବେଳେ ମାଞ୍ଚେଷ୍ଟାର ୟୁନାଇଟେଡ୍‌ରୁ ୨୦୦୭ରୁ ୨୦୦୯ ମଧ୍ୟରେ ରୋନାଲ୍‌ଡୋଙ୍କ ସହ ଖେଳିଥିଲେ। ୮ ଥରର ବାଲନ ଡି'ଓର୍ ବିଜେତା ମେସି ଗତ ମାସ ୩୧ ତାରିଖରେ ଅବସର ନେଇଥିଲେ। ୫ ଥରର ବିଜେତା ରୋନାଲ୍‌ଡୋ ଅବସର ନେଇ ନଥିଲେ ମଧ୍ୟ ଏହା ଅପେକ୍ଷାରେ ରହିଛନ୍ତି।

## ପ୍ରଥମ ରାଉଣ୍ଡରୁ ଭାମ୍ବ୍ରି, ଚନ୍ଦ୍ରଶେଖର ବିଦା

ନ୍ୟୁୟର୍କ,୬।୯: ଭାରତୀୟ ପୁରୁଷ ଯୁଗଳ ଖେଳାଳି ୟୁକି ଭାମ୍ବ୍ରି ଓ ଅନିରୁଦ୍ଧ ଚନ୍ଦ୍ରଶେଖର ଚଳିତ ୟୁଏସ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ନ୍ୟୁଜିଲାଣ୍ଡର ମାଇକେଲ ଭେନସ୍‌ଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରି କଡା ସଂଘର୍ଷ କରି ୬-୭, ୬-୭ ସେଟ୍‌ରେ ଆମେରିକାର ରିୟାନ ସିଜରମାନ ଓ ପ୍ରତୀକ ଟିଅର୍‌ହାକ୍‌ଙ୍କଠୁ ହାରି ଯାଇଛନ୍ତି। ଏହି ପରାଜୟ ଭାମ୍ବ୍ରି ଓ ଭେନସ୍‌ଙ୍କ ପାଇଁ କଷ୍ଟକର ହୋଇଛି। ଉଭୟ ଗତ ସଂସ୍କରଣରେ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ଚନ୍ଦ୍ରଶେଖର ଓ ତାଙ୍କ ବେଲାରୁଷ ସାଥୀ ଇଭାନ ଲିଓତାରେଭିକ୍ ୪-୬, ୭-୫, ୪-୬ ସେଟ୍‌ରେ ବ୍ରିଟିସ୍ ଯୋଡି ଅର୍ଥର ଫେରି ଓ ଜୋସୁଆ ପାରିସ୍‌ଙ୍କଠୁ ପରାସ୍ତ ହୋଇଛନ୍ତି। ତେବେ ଏକ ମାତ୍ର ଭାରତୀୟ ଭାବେ ଏନ୍ ଶ୍ରୀରାମ ବାଲାଜୀ ଏହି ପ୍ରତିଯୋଗିତାରେ ତିଷ୍ଠି ରହିଛନ୍ତି। ବାଲାଜୀ ଓ ତାଙ୍କ ସାଥୀ ଆମେରିକା ଇଭାନ କିଙ୍ଗ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### କନିଷ୍ଠ ଏସିଆ କପ୍

## ମହିଳାଙ୍କ ବିଜୟ, ପଏଣ୍ଟ ବାଣ୍ଟିଲେ ପୁରୁଷ

ମୋକ୍ସି,୬।୯: ଭାରତୀୟ କନିଷ୍ଠ ମହିଳା ଦଳ ଏଠାରେ ଚାଲିଥିବା ଏଏଚ୍‌ଏଫ୍ କନିଷ୍ଠ ଏସିଆ କପ୍‌ରେ ବିଜୟ ଜାରି ରଖିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୧ରେ ହରାଇଥିବା ଦୁଇ ଥରର ବିଜେତା ଭାରତ ରବିବାର ମାଲେସିଆକୁ ୧୧-୧ରେ ପରାସ୍ତ କରିଥିଲା। ବିଜେତା ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ୭ଜଣ ଖେଳାଳି ଗୋଲ୍ ଦେଇଥିଲେ। ଏହା ମଧ୍ୟରେ ଥିଲା ୪ ଫିଲ୍ଡ, ୫ ପେନାଲ୍ଟି କର୍ଣ୍ଣର ଓ ୨ ପେନାଲ୍ଟି ଷ୍ଟ୍ରୋକ୍ସ ଗୋଲ୍। ପ୍ରଥମ ମିନିଟ୍‌ରେ ଓଡିଆ ଝିଅ ପୂଜା ସାହୁଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ୍‌ରୁ ଭାରତ ଅଭିଯାନ ଆରମ୍ଭ କରିଥିଲା। ଚତୁର୍ଥ ମିନିଟ୍‌ରେ ପୂର୍ଣ୍ଣିମା ଯାଦବ ଦ୍ୱିତୀୟ ଗୋଲ୍ କରିଥିଲେ। ବିନିମା ଧାନ୍ (୮ ମିନିଟ୍)ଙ୍କ ପେନାଲ୍‌ଟି ଗୋଲ୍ ପରେ କ୍ରିଷ୍ଣା ଶର୍ମା (୧୪ ମିନିଟ୍)ଙ୍କ ଗୋଲ୍ ବଳରେ ଭାରତ ପ୍ରଥମ କ୍ୱାର୍ଟରରେ ୪-୦ରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ପୂର୍ଣ୍ଣିମା (୧୭ ମିନିଟ୍) ପେନାଲ୍‌ଟି ଗୋଲ୍ ଦେଇ ଯୁଗଳ ସଫଳତା ପାଇଥିଲେ।





ପ୍ରଥମାର୍ଦ୍ଧ ଶେଷ ପୂର୍ବରୁ ସୁଖବୀର କେର (୨୧ ମିନିଟ୍) ଓ ଗୀତା ଯାଦବ (୨୮ ମିନିଟ୍) ଗୋଟିଏ ଲେଖାଏଁ ଦେଇ ଦଳକୁ ୭-୦ରେ ଅଗ୍ରଣୀ ଦେଇଥିଲେ। ତେବେ ୩୮ତମ ମିନିଟ୍‌ରେ ମାଲେସିଆର ନୁର ମହଦ ଗୋଟିଏ ପେନାଲ୍ଟି ଗୋଲ୍ ଦେଇ ବ୍ୟବଧାନ କମାଇଥିଲେ। ତେବେ ଏହାପରେ ପୂଜା (୪୨ ମିନିଟ୍) ପେନାଲ୍ଟି ଗୋଲ୍ ଦେଇ ଯୁଗଳ ସଫଳତା ପାଇଥଲେ। ବେଳେ ସନିକା ଚନ୍ଦ୍ରକାନ୍ତ ମାନେ (୪୩ ମିନିଟ୍)ଙ୍କ ଗୋଲ୍ ଦଳରେ ଶେଷ କ୍ୱାର୍ଟର ପୂର୍ବରୁ ୯-୧ରେ ଆଗୁଆ ରହିଥିଲା। ଚତୁର୍ଥ କ୍ୱାର୍ଟରରେ ଗୀତା (୫୩ ମିନିଟ୍) ଓ ସନିକା (୫୮ ମିନିଟ୍) ଆଉ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୧୧-୧ରେ ବିଜୟ ଦେଇଥିଲେ। ଗୀତା ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଭାରତ ପରବର୍ତ୍ତୀ ମ୍ୟାଚ୍ ମଙ୍ଗଳବାର ଜାପାନ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ରବିବାର ଜାପାନ ସହ ପଏଣ୍ଟ ବାଣ୍ଟିଛି। ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୪-୦ରେ ହରାଇଥିବା ଭାରତ ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୩-୩ରେ ଅମୀମାଂସିତ ରଖିଛି। ଚତୁର୍ଥ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି ଷ୍ଟ୍ରୋକ୍‌କୁ ଅଧିନାୟକ ତଥା ଓଡିଆ ପୁଅ ଅନମୋଲ ଏକ୍କା ଗୋଲ୍‌ରେ ପରିଣତ କରି ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଦଶମ ମିନିଟ୍‌ରେ ଅଶୁ ମେର୍ଯ୍ୟଙ୍କ ପେନାଲ୍‌ଟି ଗୋଲ୍‌ରେ ଭାରତ ୨-୦ରେ ଆଗୁଆ ହୋଇଯାଇଥିଲା। ଏହା ପର ମିନିଟ୍‌ରେ ଜାପାନର ରୁସିନ ସାସାକି (୧୧ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୨-୧ରେ ଆଗରେ ରହିଥିଲା। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଉଭୟ ଦଳ କଡା ସଂଘର୍ଷ କରିଥିଲେ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଚତୁର୍ଥ କ୍ୱାର୍ଟରରେ ଜାପାନ ଅଧିନାୟକ କାଜୁକି ନାକାନିଶି (୪୮, ୫୯ ମିନିଟ୍) ଦୁଇଟି ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଦଳକୁ ବିଜୟର ନିକଟତର କରିଥିଲେ। ହେଲେ ଶେଷ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଅନମୋଲ ଦଳ ପାଇଁ ୧ ପଏଣ୍ଟ ନିଶ୍ଚିତ କରିଥିଲେ। ଏହାପରେ ଜାପାନ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଭାରତକୁ କେଣସି ସୁଯୋଗ ନ ଦେଇ ୩ ଗୋଲ୍ ଲଦି ଆଗୁଆ ହୋଇଯାଇଥିଲା।

## ୟୁଏସ୍ ଓପନ୍: ପ୍ରିକ୍ୱାର୍ଟରରେ ଭେରଭ୍, ରିବାକିନା

ନ୍ୟୁୟର୍କ: ପୂର୍ବତନ ଫାଇନାଲିଷ୍ଟ ଓ ୨୦୨୫ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ଆମେରିକାର ମାଡିସନ୍ କିଜ୍‌ଙ୍କ ଅଭିଯାନ ଚଳିତ ୟୁଏସ୍ ଓପନ୍ ଟେନିସ୍‌ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ଶେଷ ହୋଇଛି। ମହିଳା ଏକକ ମୁକାବିଲାରେ ଏହି ୨୨ ମାନ୍ୟତାପ୍ରାପ୍ତ



ଖେଳାଳି ୬-୧, ୬-୭, ୫-୭ ସେଟ୍‌ରେ ଚୀନ୍‌ର କ୍ୱିନଓ୍ୱେନ୍ ଝାଙ୍ଗଙ୍କଠୁ ହାରି ବିଦାୟ ନେଇଛନ୍ତି। ୨୦୨୪ ଅଷ୍ଟ୍ରେଲିଆନ୍ ଓପନ୍ ଉପବିଜୟିନୀ ଝାଙ୍ଗ ପ୍ରିକ୍ୱାର୍ଟରଫାଇନାଲ୍‌ରେ ୬ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ପୋଲାଣ୍ଡର ଇଗା ସ୍ୱିତେକଙ୍କୁ ଭେଟିବେ। ଅଷ୍ଟମ ମାନ୍ୟତାପ୍ରାପ୍ତ ସ୍ୱିତେକ ୭-୬, ୭-୬ ସେଟ୍‌ରେ ଚେକ୍‌ଗଣରାଜ୍ୟର ମାରି ବେଜକୋଭାଙ୍କୁ ହରାଇଥିଲେ। ଅନ୍ୟ ମହିଳା ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ତାରକା ଖେଳାଳି ବିଶ୍ୱର ୨ ନମ୍ବର ଏଲିନା ରିବାକିନା, ୪ ନମ୍ବର କୋକୋ ଗଫ୍ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ କାଜାଖସ୍ତାନର ରିବାକିନା ୭-୬, ୬-୩ ସେଟ୍‌ରେ ୟୁକ୍ରେନ୍‌ର ୟୁଲିଆ ଷ୍ଟାରୋଦୁବ୍‌ତ୍‌ସେଭାଙ୍କୁ ଏବଂ ୨ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସ୍ଥାନୀୟ ଖେଳାଳି ଗଫ୍ ୬-୩, ୬-୪ ସେଟ୍‌ରେ ସ୍ପେନ୍‌ର କ୍ରିଷ୍ଟିନା ବୁସାଙ୍କୁ ମାତ୍ ଦେଇଥିଲେ। ପରବର୍ତ୍ତୀ ରାଉଣ୍ଡରେ ୨ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ତଥା ବିଶ୍ୱର ୧ ନମ୍ବର ହେବାର ନିକଟତର ହୋଇଥିବା ରିବାକିନା ଜାପାନର ନାଓମି ଓସାକାଙ୍କୁ ଏବଂ ଗଫ୍ ନିଜ ଦେଶର ୧୮ ବର୍ଷୀୟ ଯୁବତୀ ଇଭା ଜୋଭିକ୍‌ଙ୍କୁ ଭେଟିବେ। ୪ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ଓସାକା ୬-୩, ୨-୬, ୭-୫ ସେଟ୍‌ରେ ତ୍ରୟୋଦଶ ମାନ୍ୟତାପ୍ରାପ୍ତ ଏଲିସ୍ ମର୍ଟନ୍ସଙ୍କୁ ଏବଂ ଜୋଭିକ୍ ୭-୫, ୩-୬, ୭-୫ ସେଟ୍‌ରେ ନିଜର ଘନିଷ୍ଠ ବନ୍ଧୁ ଫିଲିପାଇନ୍ସର ଆଲେକ୍‌ଜାନ୍ଦ୍ରା ଇଆଲାଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକ ତୃତୀୟ ରାଉଣ୍ଡରୁ ଇଟାଲିର ଫାବିଓ କୋବୋଲି ଓ ଆମେରିକାର ଟେଲର ଫ୍ରିଜ୍ ବିଦାୟ ନେଇଛନ୍ତି। ପଞ୍ଚମ ମାନ୍ୟତାପ୍ରାପ୍ତ କୋବୋଲି ୭-୬, ୩-୬, ୦-୬, ୩-୬ ସେଟ୍‌ରେ ବେଲ୍‌ଜିୟମ୍‌ର ଆଲେକ୍‌ଜାଣ୍ଡର ବ୍ଲକ୍‌ଙ୍କଠୁ ଏବଂ ନବମ ମାନ୍ୟତାପ୍ରାପ୍ତ ଫ୍ରିଜ୍ ୬-୩, ୬-୪, ୩-୬, ୪-୬, ୪-୬ ସେଟ୍‌ରେ ଆର୍ଜେଣ୍ଟିନାର ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କଠୁ ହାରିଯାଇଛନ୍ତି। ତେବେ ବିଶ୍ୱର ୧ ନମ୍ବର ଖେଳାଳି ଆଲେକଜାଣ୍ଡର ଭେରେଭ ସହଜ ବିଜୟ ସହ ପ୍ରିକ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ଫରେଞ୍ଚ ଓପନ୍ ବିଜେତା ଭେରେଭ ୬-୨, ୭-୬, ୬-୨ ସେଟ୍‌ରେ କାନାଡାର ଆଲେଜାଣ୍ଡ୍ରୋ ଡାବିଲୋଙ୍କୁ ହରାଇଥିଲେ। ଜର୍ମାନୀର ଭେରେଭ ପରବର୍ତ୍ତୀ ରାଉଣ୍ଡରେ ଇଟାଲିର ଲୁସିଆନୋ ଡାର୍ଡେରିଙ୍କୁ ଭେଟିବେ। ୨୧ ମାନ୍ୟତାପ୍ରାପ୍ତ ଡାର୍ଡେରି ୬=୪, ୬-୩, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଡେନ୍ ସ୍ୱିନିଙ୍କୁ ମାତ୍ ଦେଇଥିଲେ।

## ଆଇପିଏଲ୍ ଢାଞ୍ଚାରେ ହେଲା ଖେଳାଳି ଚୟନ ଅକ୍ସନ୍

କଟକ, ୦୬/୦୯: କଟକ ଆଇସିଏଆଇ ଭବନରେ ପ୍ରଫେସର ପ୍ରିମିୟର ଲିଗ୍ (ପିପିଏଲ୍)ର ଚତୁର୍ଥ ସଂସ୍କରଣ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ଅକ୍ସନ୍ ଆଜି ଅନୁଷ୍ଠିତ ହୋଇଯାଇଛି। କ୍ରମାଗତ ତିନିଟି ସଫଳ ସଂସ୍କରଣ ପରେ ଏବେ ଚତୁର୍ଥ ସଂସ୍କରଣକୁ ନେଇ ଖେଳାଳି ଓ ଆୟୋଜକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଏହି କ୍ରିକେଟ୍ ପ୍ରତିଯୋଗିତା ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ ଏବଂ ଫାଇନାନ୍ସିଆଲ୍ ସେକ୍ଟର ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଚଳିତ ବର୍ଷ ୯୦ରୁ ଅଧିକ ଖେଳାଳି ଏଥିରେ ଭାଗ ନେବେ। ଆଇପିଏଲ୍ ଭଳି ନିଲାମ ପ୍ରକ୍ରିୟାରେ ଖେଳାଳି ଚୟନ କରାଯାଇଛି। ଏଥିପାଇଁ ପ୍ରତ୍ୟେକ ଦଳକୁ ଭର୍‌ଚୁଆଲ୍ ମନି ଦିଆଯାଇଥାଏ। ଚଳିତ ସଂସ୍କରଣରେ ପ୍ରତ୍ୟେକ ଦଳ ପାଇଁ ୧୦ କୋଟି ଭର୍‌ଚୁଆଲ୍ ମନି ରଖାଯାଇଛି। ମୋଟ ୫ଟି ଦଳ ପ୍ରତିଯୋଗିତାରେ ଭାଗ ନେବେ ଏବଂ ପ୍ରତ୍ୟେକ ଦଳରେ ୧୬ ଜଣ ଖେଳାଳି ରହିବେ। ଆସନ୍ତା ଡିସେମ୍ବର ମାସରେ କଟକର ସି.ଭି. ରମଣ ଗ୍ରାଉଣ୍ଡରେ ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଡିସେମ୍ବର ମାସର ପ୍ରତ୍ୟେକ ରବିବାର ମ୍ୟାଚ୍ ଅନୁଷ୍ଠିତ ହେବ। ଡିସେମ୍ବର ମାସର ଶେଷ ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାକୁ ଅଧିକ ରୋମାଞ୍ଚକର ଓ ପେଶାଦାର ଢାଞ୍ଚାରେ ଆୟୋଜନ କରିବା ପାଇଁ ଆୟୋଜକ ଟିମ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଫେସର ପ୍ରିମିୟର ଲିଗ୍ ଆଗାମୀ ଦିନରେ ଫାଇନାନ୍ସିଆଲ୍ ସେକ୍ଟର ସହ ଜଡ଼ିତ ବ୍ୟକ୍ତିମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଭାଇଚାରାର ଏକ ମଜବୁତ ମଞ୍ଚ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏନେଇ ପରିଚାଳନା ଟିମ୍‌ର ଅଧ୍ୟକ୍ଷ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଲଲାଟେନ୍ଦୁ ସାହୁ ସୂଚନା ଦେଇଛନ୍ତି।

## ପାକିସ୍ତାନର ପରାଜୟ ପରେ ଇର୍ଫାନ୍‌ଙ୍କ ମଜାଳିଆ ପୋଷ୍ଟ

ନୂଆଦିଲ୍ଲୀ: ଚଳିତ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ରେ ଭାରତ ଶନିବାର ପାକିସ୍ତାନକୁ ଶୋଚନୀୟ ଭାବେ ପରାସ୍ତ କରିଥିଲା। ଏହି ଏକ ପାଖିଆ ବିଜୟ ପରେ ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର ଇର୍ଫାନ୍ ପଠାନ ଛୋଟିଆ ପୋଷ୍ଟରେ ପାକିସ୍ତାନକୁ ସମାଲୋଚନ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପାକିସ୍ତାନ ପରାଜୟର କିଛି ମିନିଟ୍‌ରେ ସେ ଏକ ଚାରି ଶବ୍ଦର ପୋଷ୍ଟ 'ଆଜି ରବିବାର କି'।





ଏହା ପୋଷ୍ଟ ହେଉ ହେଉ ସଙ୍ଗେସଙ୍ଗେ ଭାଇରାଲ୍ ହୋଇଯାଇଥିଲା ଗତ ବର୍ଷ ଭାରତ-ପାକିସ୍ତାନ ଲଗାତାର ୩ ଟ୍ୱେଣ୍ଟି-୨୦ ମ୍ୟାଚ୍ ରବିବାର ଖେଳିଥିଲେ। ପ୍ରତ୍ୟେକ ଥର ପାକିସ୍ତାନ ପରାଜୟର ସାମ୍ନା କରିଥିଲା। ଏହି ସମୟରେ ମଧ୍ୟ ଇର୍ଫାନଙ୍କ ପୋଷ୍ଟ ଭାଇରାଲ ହୋଇଥିଲା। ଭାରତର ବିଜୟ ପରେ ସେ ଲେଖିଥିଲେ ଯେ ''ରବିବାର କେମିତି ରହିଲା ପଡାଶୀ''। ସୂଚନାଯୋଗ୍ୟ ଯେ ଶନିବାର ବାମହାତୀ ସ୍ପିନର ଶ୍ରୀ ଚାରଣୀ (୩/୭), ଲେଗ୍ ସ୍ପିନର ପ୍ରେମା ରାୱତ (୩/୯) ଓ ଦୀପ୍ତି ଶର୍ମା (୨/୫)ଙ୍କ ଚମତ୍କାର ବୋଲିଂରେ ପାକିସ୍ତାନ ଧରାଶାୟୀ ହୋଇ ମାତ୍ର ୫୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ୮.୪ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିସହ ପାକିସ୍ତାନ ବିପକ୍ଷରେ ଭାରତୀୟ ମହିଳା ୮ ମ୍ୟାଚ୍ ଖେଳି ସପ୍ତମ ବିଜୟ ପାଇଥିଲା।


Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,